## ମହିମା ଅଲେଖ ସନାତନ ମଠ ମେଳା



**ପାଣିକୋଇଲି, ୧୪ ।୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଚିନ୍ଦା ଅଲେଖ ମଠରେ ଜୀବ ଜଗତର ସ୍ରଷ୍ଟା ବ୍ରହ୍ମାଣ୍ଡ ଠାକୁର ମହିମା ଅଲେଖ ଆଶ୍ରମରେ ମେଳା ଓ ବାର୍ଷିକୋତ୍ସବ ସାଧୁ କ୍ଷମାନନ୍ଦ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଓଚିନ୍ଦା, ତାଜପୁର, ଖସାଗଡ଼ିଆ, ବର୍ତ୍ତମଣା, କାଜିପଟଣା, ନୂଆଗାଁ, ପଥରପଦା ଆଦି ଗ୍ରାମର ଅଲେଖ ଭକ୍ତଙ୍କ ପରିଚାଳନାରେ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ କରାଯାଇଥିଲା । ବହୁ ସାଧୁ, ଭକ୍ତ, ଧର୍ମପ୍ରାଣ ବ୍ୟକ୍ତି ଯୋଗଦାନ କରିବା ସହ ଭକ୍ତଙ୍କ ଦ୍ୱାରା ଘୃତାହୁତି, ଯଜ୍ଞ, ବାଲ୍ୟଲୀଳା ଆଦି କାର୍ଯ୍ୟକ୍ରମ କରାଯାଇଥିଲା ।

## ପଞ୍ଚବଳି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଶଙ୍ଖଚିଲା, ୧୪ ।୨(ସମିସ):** କୋରେଇ ବ୍ଲକ ତଣ୍ଡରା ପଞ୍ଚାୟତର ପଞ୍ଚବଳି କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୮ ଟି ଦଳ ଭାଗ ନେଇଥିବାବେଳେ ଫାଇନାଲକୁ ଲକ୍ଷ୍ମୀନଗର କ୍ରିକେଟ କ୍ଲବ ଓ ପଞ୍ଚବଳି କ୍ରିକେଟ କ୍ଲବ ଉନ୍ନୀତ ହୋଇଥିଲେ । ଫାଇନାଲ ମ୍ୟାଚ୍‌ରେ ଲକ୍ଷ୍ମୀନଗର କ୍ରିକେଟ କ୍ଲବ୍ ନିର୍ଦ୍ଧାରିତ ୧୨ ଓଭରରେ ୧୨୧ ରନ୍ କରିଥିଲା । ଜବାବରେ ପଞ୍ଚବଳି କ୍ରିକେଟ କ୍ଲବ୍ ଗୋଟିଏ ବଲ୍ ବାକି ଥିବାବେଳେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା । ଉଦ୍‌ଯାପନୀ ଉତ୍ସବରେ ସମାଜସେବୀ ତଥା ଯୁବନେତା ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟଅତିଥି ଓ ଗ୍ରାମର ମେଘନାଦ ମଲିକ, ଭରତ ମଲିକ ଓ ଡାଳିଆ ଦେଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଜଗନ୍ନାଥ ମଲିକ ଓ ପ୍ରଶାନ୍ତ ମଲିକ ଖେଳ ପରିଚାଳନା କରିଥିଲେ ।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

**ସିଂହପୁର, ୧୪ ।୨(ସମିସ):** ସିଂହପୁର ନିକଟସ୍ଥ ହଦୁଆ ଗ୍ରାମର ସମାଜସେବୀ ଏକାଦଶୀ ସାହୁଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି । ଶିକ୍ଷାବିତ୍ ନିରଞ୍ଜନ ଦାସଙ୍କ ସଭାପତିତ୍ୱ ଓ ବରିଷ୍ଠ ବ୍ୟକ୍ତି ଆକୁଳି ଚରଣ ଥାଟୋଇଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ ଜେନା, କୃଷ୍ଣଚନ୍ଦ୍ର ଥାଟୋଇ, ଅଜୟ ବିଶ୍ୱାଳ, ଅନିରୁଦ୍ଧ ସାହୁ, ଶ୍ରୀଧର ନାୟକ, କବି ଧନେଶ୍ୱର ଦାସ, ସାମ୍ବାଦିକ ଅନଙ୍ଗ ଉଦୟ ବେଉରିଆ, ଶିକ୍ଷାବିତ୍ ବିଜୟ ସାମଲ, ତ୍ରିଲୋଚନ ଥାଟୋଇ, କମଳକାନ୍ତ ସାମଲ, ଶ୍ରୀଧର ନାୟକ, ରାଜେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥଲେ ।

## ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ

**ପାଣିକୋଇଲି, ୧୪।୨(ସମିସ):** କୋରେଇ ବ୍ଲକ ପଥରପଦା ପଞ୍ଚାୟତର କାଜିପାଟଣା ଗ୍ରାମର ମା' ମଙ୍ଗଳା ଦେବୀଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି ।



ପଞ୍ଚକର୍ତ୍ତା ଭାବେ ସୁରେନ୍ଦ୍ର ବେହେରା, ଆନନ୍ଦ ଚନ୍ଦ୍ର ମହାକୁଡ, ବିଜୟ ବେହେରା, ଉତ୍କଳ ଦାସ, ରାମଚନ୍ଦ୍ର ବାରିକ ପ୍ରମୁଖ ଯଜ୍ଞ କଳସ ସ୍ଥାପନ କରିଥିଲେ । ପଣ୍ଡିତ ଶତ୍ରୁଘ୍ନ ପଣ୍ଡା, ଗୌରାଙ୍ଗ ପଣ୍ଡା, ବୃନ୍ଦାବନ ପଣ୍ଡା, ସୁମନ ତ୍ରିପାଠୀ, ସୀତାରାମ ପାଢ଼ୀ, ସତ୍ୟାନନ୍ଦ ରଥ, ରବିନାରାୟଣ ପାଢ଼ୀ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ । ଇତ୍ୟବସରରେ ଗୋପୂଜା, ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାର ପୂଜା, ଚଣ୍ଡିପାଠ, ନାମଯଜ୍ଞ କରାଯାଇଥିଲା । ନଟବର ମହାକୁଡ, ବୀରଭଦ୍ର ସାହୁ, ନାରାୟଣ ବେହେରା, ଗଣେଶ ଚନ୍ଦ୍ର ବାରିକ, ଶ୍ରୀଧର ଦାସ, ପଞ୍ଚାନନ ବେହେରା, ସନ୍ତୋଷ ମହାକୁଡଙ୍କ ସମେତ ଗ୍ରାମର ଲୋକେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ମହାପାଟ ସାହିରେ ଅଷ୍ଟପ୍ରହର ନାମଯଜ୍ଞ

**ଯଖପୁରା, ୧୪।୨(ସମିସ):** ମହାପାଟ ସାହିରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବହୁ ମହିଳା ଓ ପୁରୁଷ ବିଷ୍ଣୁ ଭକ୍ତ ନାମ କୀର୍ତ୍ତନ ଶ୍ରବଣ କରିଥିଲେ । ମହାପାଟ ସାହିର ଗୌରହରି କମିଟି ସଭାପତି ଓମପ୍ରକାଶ ବ୍ରହ୍ମ, ସମ୍ପାଦକ ରାମଚନ୍ଦ୍ର ଧଳ, ଉପଦେଷ୍ଟା ମଣ୍ଡଳୀର ତ୍ରିଲୋଚନ ଧଳ, ଜନ୍ମଜୟ ମହାନ୍ତି, ନୀଳମାଧବ ନାୟକ, ଅଶୋକ ବ୍ରହ୍ମ, ଅକ୍ଷୟ ଧଳ, ସଚ୍ଚିଦାନନ୍ଦ ବ୍ରହ୍ମ, ଅଭୟ ଲୋଚନ ନାୟକ ଓ କୋଷାଧ୍ୟକ୍ଷ ସଞ୍ଜୀବ ନାୟକ, ପୂଜକ ଭାବେ ଗୌରାଙ୍ଗ ଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଅଷ୍ଟପ୍ରହର ନାମଯଜ୍ଞକୁ ସୁଚାରୁରୂପେ ପରିଚାଳନା କରିଥିଲେ ।

### ଗୁରୁତ୍ୱ ହରାଉଛି ବ୍ୟାସସରୋବର ମହୋତ୍ସବ

# ଆସୁନାହାନ୍ତି ଅତିଥି, ପୂଜ୍ୟପୂଜାକୁ ମିଳୁନି ସମ୍ମାନ

**ବ୍ୟାସନଗର, ୧୪।୨(ସମିସ)**

ପୁଣ୍ୟଭୂମି ମହର୍ଷି ବ୍ୟାସଦେବଙ୍କ ସ୍ଥଳୀ ଭାବେ ପରିଚିତ ବ୍ୟାସସରୋବର । ପ୍ରତ୍ୟେକ ବର୍ଷ ଭୌମ ଏକାଦଶୀଠାରୁ ଏଠାରେ ଆୟୋଜିତ ହୁଏ ବ୍ୟାସସରୋବର ମହୋତ୍ସବ । ବ୍ୟାସନଗର ପୌରପରିଷଦ ପକ୍ଷରୁ ଆୟୋଜିତ ହେଉଥିବା ଏହି ମହୋତ୍ସବର ବିଶେଷ ମହତ୍ତ୍ୱ ରଖୁଥିବାବେଳେ ଏହା କ୍ରମଶଃ ଗୁରୁତ୍ୱ ହରାଉଥିବା ଭଳି ମନେ ହେଉଛି । ମହୋତ୍ସବରେ ଅତ୍ୟଧିକ ରାଜନୀତିକରଣ ଓ ଅହଂଭାବ ଯୋଗୁଁ ଏଭଳି ସମସ୍ୟା ଦେଖିବାକୁ ମିଳିଥିବା ଚର୍ଚ୍ଚା ହେଉଛି । ବିଶେଷକରି ବ୍ୟାସନଗର ପୌରାଧକ୍ଷା ସଙ୍ଗୀତା ପିଙ୍ଗୁଆ ସ୍ଥାନୀୟ କାଉନସିଲରଙ୍କୁ ବିଶ୍ୱାସକୁ ନ ନେଇ ମନଇଚ୍ଛା ପଦକ୍ଷେପ ଗ୍ରହଣ କରୁଥିବାରୁ ସମସ୍ୟା ଅଧିକ ଜଟିଳ ହେଉଛି । ଚଳିତ ବର୍ଷ ପାରିଷଦ ପକ୍ଷରୁ ଆଗତ ପ୍ରସ୍ତାବକୁ ପୌରାଧକ୍ଷା ଶ୍ରୀମତୀ ପିଙ୍ଗଆ ପରିବର୍ତ୍ତନ କରିବା ସହିତ ନିଜ ମନଇଚ୍ଛା ପୌର ପାରିଷଦଙ୍କ ଅଜାଣତରେ ମହୋତ୍ସବ ନେଇ କାର୍ଯ୍ୟସୂଚୀ ଓ ଅତିଥି ତାଲିକା ପ୍ରସ୍ତୁତ କରିଥିଲେ । ଏହାରି ମଧ୍ୟରେ ପୌରାଧକ୍ଷା ଓ ପାରିଷଦଙ୍କ ମଧ୍ୟରେ ବିବାଦ ଦିନକୁ ଦିନ ଉଗ୍ର ହେଉଥିବାବେଳେ ମହୋତ୍ସବର ପ୍ରତ୍ୟେକ ଦିନ ନିମନ୍ତ୍ରିତ ଅତିଥିଙ୍କୁ ନିମନ୍ତ୍ରଣରେ ହୋଇଥିବା ଇଚ୍ଛାକୃତ ତ୍ରୁଟି ଯୋଗୁଁ ସବୁ ବିବାଦ ସୃଷ୍ଟି ହୋଇଛି ।

ଚଳିତ ବ୍ୟାସ ମହୋତ୍ସବରେ କିପରି ପୂଜ୍ୟପୂଜା ପରମ୍ପରା ଭଙ୍ଗ କରି ଅତିଥିଙ୍କୁ ପୌରାଧକ୍ଷା ନିଜେ କିମ୍ବା ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଫୋନ କିମ୍ବା ନିମନ୍ତ୍ରଣ କାର୍ଡ ନ ଦେଇ ଜଣେ କିରାଣି କିମ୍ବା ଅନ୍ୟ ବ୍ୟକ୍ତିଙ୍କ ହାତରେ ନିମନ୍ତ୍ରଣ ପତ୍ର ଦେବା ଯୋଗୁଁ ଅନେକ ଅତିଥି ନିଜ ସ୍ୱାଭିମାନ ଓ ଅସମ୍ମାନକୁ ଦୃଷ୍ଟିରେ ରଖି ମହୋତ୍ସବରେ ଅତିଥି ଭାବେ ସାମିଲ ହେବାକୁ ଉଚିତ ମଣି ନ ଥିଲେ । ଫଳରେ ଚଳିତ ବ୍ୟାସସରୋବର ମହୋତ୍ସବରେ ବିଗତ ବର୍ଷର ପୌର ପରମ୍ପରାକୁ ଭାଙ୍ଗି ପୌରାଧକ୍ଷା ସହରର ଭାଇଚାରା ନଷ୍ଟ ହେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି । କୋରେଇର ପୂର୍ବତନ ବିଧାୟକ ତଥା ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ଓ ପୂର୍ବତନ କୋରେଇ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ନାମ ଚଳିତ ମହୋତ୍ସବ ଅତିଥି ତାଲିକାରେ ରହିଥିଲେ ମଧ୍ୟ ସେମାନେ ଆସି ନ ଥିଲେ । ଏ ନେଇ ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ପ୍ରତିକ୍ରିୟା ନେବାରୁ ସେ କହିଥିଲେ, ମୋ ବିଧାୟକତ୍ୱ ସମୟରେ ବ୍ୟାସସରୋବର ଉନ୍ନତିକରଣ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଯଥାସାଧ୍ୟ ଅନୁଦାନ ଦେଇଛି । ଏପରିକି ମୋ' ସ୍ୱାମୀ ସ୍ୱର୍ଗତ ଗୋପୀନାଥ ମହାନ୍ତି ସଂସ୍କୃତି ବିଭାଗରେ ଥିବାବେଳେ ମଧ୍ୟ ଏ ନେଇ ଅନେକ କାର୍ଯ୍ୟ କରିଛନ୍ତି । ତେବେ ପୌରାଧକ୍ଷା ଶ୍ରୀମତୀ ପିଙ୍ଗୁଆ ଅତିଥିଙ୍କୁ ସୌଜନ୍ୟତା ଦୃଷ୍ଟିରୁ ନିଜେ ଫୋନ କିମ୍ବା କାର୍ଡ ଦେଇ ନିମନ୍ତ୍ରଣ କରିପାରିଥା'ନ୍ତେ କିମ୍ବା ନିର୍ବାହୀ ଅଧିକାରୀ ସମାନ କାର୍ଯ୍ୟ କରିପାରିଥା'ନ୍ତେ । ମାତ୍ର ଏପରି ନ କରି ଅତିଥି କରାଇବାର ପୂର୍ବଦିନ ସନ୍ଧ୍ୟାରେ ମୋ' ମୁଣ୍ଡମାଳ ଘରେ ଜଣେ ପୌର କର୍ମଚାରୀ ହାତରେ କାର୍ଡ ଦେଇ ନିମନ୍ତ୍ରଣ କରିବା ଆଦୌ ସମୀଚୀନ ନୁହେଁ । ଫଳରେ ମୁଁ ତାଙ୍କୁ ଉକ୍ତ କାର୍ଡ ଫେରାଇ ନେବାକୁ କହିଥିଲି । ଏହା ତାଙ୍କର ଗର୍ବ ଓ ଅହଂକାର ବୋଲି ଉଲ୍ଲେଖ କରିବା ସହିତ ଏହାଦ୍ୱାରା ସହରର ସମ୍ମାନ ହାନି ହେଉଥିବା କହିଛନ୍ତି । ତେବେ ଜଣେ ମହିଳା ହୋଇ ଜଣେ ପୂର୍ବତନ ମହିଳା ବିଧାୟିକାଙ୍କୁ ଏପରି ଅସମ୍ମାନିତ କରିବାକୁ ସହରବାସୀଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ନିନ୍ଦା କରିଛନ୍ତି ।

ସମାନ ଢଙ୍ଗରେ ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆଙ୍କୁ ଅତିଥି ଭାବେ ଉପସ୍ଥିତ ରହିବାକୁ ପୌର ପରିଷଦ ପକ୍ଷରୁ କେବଳ ଇ-ମେଲ ମାଧ୍ୟମରେ ଚିଠି ପ୍ରେରଣ କରାଯାଇଛି । ଫଳରେ ଶ୍ରୀ ଖୁଣ୍ଟିଆ ଏହି ମହୋତ୍ସବରେ ଯୋଗଦେଇ ନ ଥିଲେ । ଏ ସମ୍ପର୍କରେ ଶ୍ରୀ ଖୁଣ୍ଟିଆ ଉଦ୍‌ବେଗ ପ୍ରକାଶ କରିବା ସହିତ ବିଧିବଦ୍ଧ ଭାବେ ନିମନ୍ତ୍ରଣ କରିଥିଲେ ମୋର ମହୋତ୍ସବରେ ଅତିଥି ହେବାରେ ଅସୁବିଧା ନ ଥିଲା । ତେବେ ହାତାହାତି କାର୍ଡ ଦେଇଥିଲେ କିମ୍ବା ସମୟ ଅଭାବରୁ ଫୋନ ମାଧ୍ୟମରେ ପୌରାଧକ୍ଷା କିମ୍ବା ନିର୍ବାହୀ ଅଧିକାରୀ କଥା ହେବାକୁ ଅନାଗ୍ରହ ପ୍ରକାଶ କରିବା ଯୋଗୁଁ ମୁଁ ମହୋତ୍ସବରୁ ଦୂରେଇ ରହିଥିବା ସେ କହିଛନ୍ତି । ନାମକୁ ମାତ୍ର ନିମନ୍ତ୍ରଣ କରି ବାହାବା ନେବାକୁ ପୌରାଧକ୍ଷା ଚାହୁଁଥିବାବେଳେ ଅତିଥିଙ୍କ ମହୋତ୍ସବରୁ ଦୂରେଇ ରହିବା ସବୁ କଥାକୁ ଦାଣ୍ଡରୁ ଆଣି ହାଟରେ ପକାଇଛି । ଏହା ପୌରାଧକ୍ଷାଙ୍କ ଅନଭିଜ୍ଞତା ନା ଇଚ୍ଛାକୃତ ତ୍ରୁଟି, ତାହା ଆଲୋଚନାର ବିଷୟ ପାଲଟିଥିବାବେଳେ ଏଭଳି କାର୍ଯ୍ୟ ଦ୍ୱାରା ସହରର ସମ୍ମାନ କ୍ଷୁର୍ଣ୍ଣ ହେଉଥିବାବେଳେ ସହରର ମର୍ଯ୍ୟାଦାହାନି ହେବା ଦ୍ୱାରା ସାମାଜିକ ଗଣମାଧ୍ୟମରେ ମଧ୍ୟ ଏହାକୁ ଦୃଢ଼ ଭାବେ ସହରର ବୁଦ୍ଧିଜୀବୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ସମାଲୋଚନା କରିଛନ୍ତି ।

### ଟାଟା ଷ୍ଟିଲ୍ କଳିଙ୍ଗନଗରର ନୂତନ କଣ୍ଟିନିୟସ ଆନିଲିଂ ଲାଇନ୍

# ଆନିଲଡ୍ କଏଲର ପ୍ରଥମ ବ୍ୟାଚ୍ ଉତ୍ପାଦ ଚାଲାଣ



**ଦାନଗଦି, ୧୪।୨(ସମିସ):** ଟାଟା ଷ୍ଟିଲ୍ କଳିଙ୍ଗନଗରର ଅତ୍ୟାଧୁନିକ କଣ୍ଟିନିୟସ ଆନିଲିଂ ଲାଇନ (ସିଏଏଲ)ର କୋଲ୍ଡ ରୋଲିଂ ମିଲ୍ (ସିଆରଏମ) କମ୍ପ୍ଲେକ୍ସରେ ଥିବା ଅତ୍ୟାଧୁନିକ କଏଲର ପ୍ରଥମ ବ୍ୟାଚ୍ ଉତ୍ପାଦ କାରଖାନା ପରିସରରେ ଥିବା କମନ୍ ପ୍ରଡକ୍ଟ ଡେସ୍ପାଚ୍ ୟାର୍ଡରୁ ପଠାଯାଇଛି । ଟିଏସକେର ଉପାଧ୍ୟକ୍ଷ (ଅପରେସନ୍ସ) ରାଜୀବ କୁମାର ଟିଏସକେ ଜେନେରାଲ ମ୍ୟାନେଜର (ଅପରେସନ୍ସ) କରମବୀର ସିଂ, ଟିଏସକେ ଓ ଏନଆଇଏନଏଲର ଜେନେରାଲ ମ୍ୟାନେଜର (ପ୍ରକଳ୍ପ ଓ ନିର୍ମାଣ) ହରବିନ୍ଦର ସିଂଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ କମ୍ପାନୀର ଉନ୍ନତ ଉତ୍ପାଦନ କ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି । ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣରେ ପ୍ଲାଣ୍ଟର କ୍ଷମତା ବାର୍ଷିକ ୩ ନିୟୁତ ଟନ୍‌ରୁ ୮ ନିୟୁତ ଟନକୁ ବୃଦ୍ଧି ପାଉଥିବାବେଳେ କମ୍ପାନୀର ଏହି ପଦକ୍ଷେପ ଟାଟା ଷ୍ଟିଲକୁ ବିକଶିତ ଅଟୋମୋଟିଭ ବଜାରରେ ଅଭିନବ ସମାଧାନ ପ୍ରଦାନ କରିବାରେ ସକ୍ଷମ କରିବ । ଭବିଷ୍ୟତ ପାଇଁ ପ୍ରସ୍ତୁତ ଉନ୍ନତ ଜ୍ଞାନକୌଶଳରେ ସଜ୍ଜିତ ଏହି ନୂତନ ସିଏଏଲ୍ ବିଶ୍ୱର ଶ୍ରେଷ୍ଠ ତିନି ବେଞ୍ଚମାର୍କ ଅଟୋମୋଟିଭ୍ ଲାଇନ୍ ମଧ୍ୟରେ ସ୍ଥାନ ପାଇଛି । ଏହା ଆଡଭାନ୍ସ ହାଇଷ୍ଟ୍ରେନଥ ଷ୍ଟିଲ (ଏଏଚଏସଏସ) ସମେତ ଅନେକ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ଅଟୋମୋଟିଭ୍ ଇସ୍ପାତ ଉତ୍ପାଦନ କରିବ । ଯେଉଁଥିରେ ଅତୁଳନୀୟ ଦୀର୍ଘସ୍ଥାୟିତା ଓ ବିଶ୍ୱସନୀୟତା ରହିଛି । ଏହାଦ୍ୱାରା ଭାରତୀୟ ଅଟୋମୋବାଇଲ ବଜାରରେ ଟାଟା ଷ୍ଟିଲର ସ୍ଥିତିକୁ ଅଗ୍ରଣୀ କରିବ ।

# ଜମିହରା, ବିସ୍ଥାପିତ ଓ ପ୍ରଭାବିତଙ୍କ ଜନଶୁଣାଣି



**ଦାନଗଦି, ୧୪ ।୨(ସମିସ):** ଜମିହରା, ବିସ୍ଥାପିତ ଓ ପ୍ରଭାବିତଙ୍କ ବାରଗାଡ଼ିଆଠାରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଶିଳ୍ପାଞ୍ଚଳବାସୀ ଧୂଳିଧୂଆଁରେ ଅସ୍ତବ୍ୟସ୍ତ ହୋଇଗଲେଣି । ଶିଳ୍ପ ସଂସ୍ଥାରେ ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କୁ ଉପେକ୍ଷିତ କରାଯାଉଛି । ବିସ୍ଥାପିତଙ୍କ ସ୍ୱରକୁ ଚାପି ଦେବାକୁ କମ୍ପାନୀ ଗୁଣ୍ଡା ଆକ୍ରମଣ କରି ଲହୁଲୁହାଣ କରିବା ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା । ସିଭିଲ ସୋସାଇଟ ଫୋରମ ଯାଜପୁର ସମ୍ପାଦକ ତଥା ମାନବାଧିକାର କର୍ମୀ ବିଶ୍ୱନାଥ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଜନଶୁଣାଣିରେ ଲୋକଶକ୍ତି ଅଭିଯାନର ଆବାହକ ତଥା ବିଶିଷ୍ଟ ପରିବେଶବିତ, ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା, ଗାନ୍ଧୀ ସ୍ମାରକ ନିଧିର ଡଃ ବିଶ୍ୱଜିତ ରାୟ, ଲୋହିଆ ଏକାଡେମୀ ସମ୍ପାଦକ ଦେବ ପ୍ରକାଶ ରାୟ, ମିଥ୍ୟା ମକଦ୍ଦମା ବିରୋଧି ଅଭିଯାନର ନରେନ୍ଦ୍ର ମହାନ୍ତି, ଭୀମ ଆର୍ମୀର କୁନାଲ ରାବଣ ପ୍ରମୁଖ ଯୋଗ ଦେଇଥିଲେ ।

ସାମ୍ପ୍ରତିକ ସ୍ଥିତିକୁ ନେଇ ଟାଟା ବିସ୍ଥାପିତ ପରିବାର ପକ୍ଷରୁ ଡୁବୁଲିଆ ଜାରିକା, ରଞ୍ଜିତ ଜାମୁଡା, ମାଣିକ ଆଙ୍ଗରାଇ, ନୀଳାଞ୍ଚଳ ବିସ୍ଥାପିତ ପରିବାରର ଯଯାତି କେଶରୀ ମହାନ୍ତଙ୍କ ସହ ସ୍ଥାନୀୟ ଅଞ୍ଚଳର ଗିରିଶ ମହାନ୍ତ, ସନାତନ ଗାଗରାଇ, ସତ୍ୟଜିତ ଦାସ, ପ୍ରଶାନ୍ତ ଦାସ, ସବିତା ମଲ୍ଲିକ, ବେବିନା ମଲ୍ଲିକ, ବାସନ୍ତୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ସୁଶାନ୍ତ ମହାନ୍ତ, ବ୍ରଜକିଶୋର ମଲ୍ଲିକ ପ୍ରମୁଖ ଟାଟା, ନୀଳାଚଳର ବାୟୁ ପ୍ରଦୂଷଣ ସମ୍ପର୍କରେ ଆଲୋକପାତ କରିଥିଲେ । କଳିଙ୍ଗନଗର ଶିଳ୍ପାଞ୍ଚଳରେ ସୁଆଁଳଠାରୁ ବାରଗାଡ଼ିଆ ପର୍ଯ୍ୟନ୍ତ ଯକ୍ଷ୍ମା ଓ କିଡ୍‌ନୀ ରୋଗ ବ୍ୟାପୁଥିବାବେଳେ ଧୂଳିଧୂଆଁରେ ଲୋକଙ୍କ ଜନଜୀବନ ଅସ୍ତବ୍ୟସ୍ତ ହେଉଛି । ବିସ୍ଥାପିତ ଜୀବିକାର ଉତ୍ସ ଭିଟାମାଟି ହରାଇ ଥିବାବେଳେ ଟାଟା, ନୀଳାଞ୍ଚଳ ପ୍ରତାରିତ କରି ସୁରକ୍ଷା କର୍ମୀ ଲଗାଇ ବିସ୍ଥାପିତଙ୍କ ସ୍ୱରକୁ ବନ୍ଦ କରିବାକୁ ଦମନମୂଳକ ନୀତି ଆପଣାଇଛି । ପୁଲିସ ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ଭୁଲି ଲୋକଙ୍କ ସ୍ୱରକୁ ଚପାଇ ଦେବାକୁ ଉଦ୍ୟମ କରୁଛି । ଟାଟା ପାଇଁ ସରକାରଙ୍କ ଚାପରେ ବିସ୍ଥାପିତଙ୍କ ଉପରେ ମିଥ୍ୟା ମକଦ୍ଦମା ରୁଜୁ କରୁଥିବା ମତ ପ୍ରକାଶ ପାଇଛି । ଏ ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କ ହସ୍ତକ୍ଷେପ ଲୋଡ଼ାଯିବାକୁ ଲୋକେ ମତ ଦେଇଛନ୍ତି ।

## ବ୍ଲକ୍‌ସ୍ତରୀୟ ଦକ୍ଷତା ବିକାଶ ପରାମର୍ଶ ଓ ନିଯୁକ୍ତି ଶିବିର

**ବଡ଼ଚଣା, ୧୪ ।୨(ସମିସ):** ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ବିଭାଗ ଆନୁକୂଲ୍ୟରେ ଯାଜପୁର ଜିଲ୍ଲା ପ୍ରଶାସନ ଉଦ୍ୟମରେ ବଡ଼ଚଣା ବ୍ଲକ ଦକ୍ଷତା ବିକାଶ ଗୃହରେ ଜିଲ୍ଲା ଦକ୍ଷତା ବିକାଶ ନିୟୋଜନ ଅଧିକାରୀ ପ୍ରଭାତ ବସ୍ତିଙ୍କ ଅଧ୍ୟକ୍ଷତାରେ ଦକ୍ଷତା ବିକାଶ ପରାମର୍ଶ ଓ ନିଯୁକ୍ତି ଶିବିର ଆୟୋଜିତ ହୋଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ନନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ପରାମର୍ଶ ଦେଇଥିଲେ । ପ୍ରାର୍ଥୀଙ୍କ ବୟସ ୧୮ ରୁ ୩୫ ବର୍ଷ ରଖାଯାଇଥିବାବେଳେ ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀ ପାସରୁ ସ୍ନାତକ ଓ ଆଇଟିଆଇ, ଡିପ୍ଲୋମା ପାସ ରଖାଯାଇଥିବା ଜିଲ୍ଲା ଅଧିକାରୀ ସୂଚନା ଦେଇଥିଲେ । ଏଥିରେ ବିଭିନ୍ନ ବିଭାଗର ମୋଟ ୩୭୫ ଜଣ ପ୍ରାର୍ଥୀ ଓ ପ୍ରାର୍ଥିନୀ ଆବେଦନ କରିଥିଲେ ।

## ବିଭିନ୍ନ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

**ବିଞ୍ଝାରପୁର, ୧୪।୨(ସମିସ):** ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମାର୍ଗଦର୍ଶିକା ଜାରି କରିଛି । ଏହି ଯୋଜନାରେ ଗ୍ରାମୀଣ ଭିତ୍ତିଭୂମିର ବିକାଶ କରାଯିବ । ବ୍ଲକ ସ୍ତରରେ ବାର୍ଷିକ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଯୋଜନା କରାଯିବ ବୋଲି ଗାଇଡ୍‌ଲାଇନ୍ ଜାରିହୋଇଛି । ଏ ପରିପ୍ରେକ୍ଷୀରେ ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମ ସଭା ଆୟୋଜିତ ହୋଇଛି । କଏଣା-ରଘୁନାଥପୁର ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମ୍ୟ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ସରପଞ୍ଚ ନିଶିପ୍ରଭା ଜେନା ସଭାପତିତ୍ୱ କରିଥିଲେ । ଏଥିରେ ସରକାରୀ ଅଧିକାରୀ ଭାବେ ପଞ୍ଚାୟତର ନିର୍ବାହୀ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ମୌଳିକ ସମସ୍ୟାକୁ ପ୍ରାଥମିକତା ଦେଇ ପ୍ରୋଜେକ୍ଟ ପ୍ଲାନ୍ ହସ୍ତଗତ କରିଥିଲେ ।

ସେହିପରି ଅରେଇ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ପଞ୍ଚାୟତର ବୁଦ୍ଧିଜୀବୀ ଓ ଗ୍ରାମବାସୀ ଅଙ୍ଗନବାଡି କେନ୍ଦ୍ର, ପଞ୍ଚାୟତ ଭବନ, କଲ୍ୟାଣୀ ମଣ୍ଡପ, ସ୍କୁଲ ଅତିରିକ୍ତ ଶ୍ରେଣୀ ଗୃହ, ବିଭିନ୍ନ ରାସ୍ତା ନିର୍ମାଣ ସହ କଂକ୍ରିଟ୍ ରାସ୍ତା ମରାମତି, ଖେଳ ପଡ଼ିଆର ଉନ୍ନତିକରଣ, ଗ୍ରାମର ଡ୍ରେନଜ ବ୍ୟବସ୍ଥା ଓ ପୋଖରୀ ଉନ୍ନତିକରଣ ପ୍ରକଳ୍ପ ପ୍ରସ୍ତାବ ଦେଇଥିଲେ ।

## 'ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟକଳାରେ ସାମାଜିକ ମୂଲ୍ୟବୋଧ' ଶୀର୍ଷକ ଆଲୋଚନାଚକ୍ର

**ବଡ଼ଚଣା, ୧୪ ।୨(ସମିସ):** ନୂଆହାଟସ୍ଥ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ କଳାରେ ସାମାଜିକ ମୂଲ୍ୟବୋଧ' ଶୀର୍ଷକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଦୀପ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଅଧକ୍ଷ ପ୍ରାଧ୍ୟାପକ ପବିତ୍ରମୋହନ ମାହାଲା, ମୁଖ୍ୟବକ୍ତା ଭାବେ ବିଷୟ ବିଶେଷଜ୍ଞ ମଧୁପୁର ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ସୁଶାନ୍ତ ପଣ୍ଡା ଯୋଗଦେଇଥିଲେ । ବିଭାଗୀୟ ମୁଖ୍ୟ ପ୍ରଦୀପ ବରାଳ ସ୍ୱାଗତ ଭାଷଣ ଦେଇ ଆଲୋଚନାଚକ୍ରର ବୈଶିଷ୍ଟ୍ୟ ଓ ଉପେନ୍ଦ୍ର କାବ୍ୟଧାରାର ମହନୀୟ ଦିଗ କିପରି ଜନମାନସକୁ ଆନନ୍ଦିତ କରୁଛି, ତାହା ଦର୍ଶାଇଥିଲେ । ବିଭାଗୀୟ ଅଧ୍ୟାପକ ଡାକ୍ତର ଦୀପକ କୁମାର ମିଶ୍ର ସ୍ୱରଚିତ ସନ୍ଦର୍ଭ ଉପସ୍ଥାପନା କରି ଭଞ୍ଜ ସାହିତ୍ୟର ଅନନ୍ୟତା ଓ ବିଚାରବୋଧର ମହତ୍ତ୍ୱ ଆଲୋଚନା କରିଥିଲେ । +୩ ପ୍ରଥମ ବର୍ଷ ଛାତ୍ର ଲକ୍ଷ୍ମୀଧର ଦାସ ଓ +୩ ତୃତୀୟ ବର୍ଷ ଛାତ୍ରୀ ସୋନାଲିକା ରାଉତ ନିଜ ସନ୍ଦର୍ଭ ପାଠ କରିଥିଲେ । ବିଭାଗୀୟ ଅଧ୍ୟାପକ କିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଡକ୍ଟର ସରିତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ପ୍ରମୋଦ ଖଣ୍ଡାୟୀ, ନାରାୟଣ ମୁଦୁଲି, ଶାନ୍ତନୁ ରାଉତରାୟ ଯୋଗ ଦେଇଥିଲେ ।

### ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ବୈଠକ

# ପ୍ରଣବ ଓ ଗୌତମଙ୍କ ସହଯୋଗ ଲୋଡ଼ିଲେ ପ୍ରଭାବିତ

**ମଙ୍ଗଳପୁର, ୧୪ ।୨(ସମିସ)**



କାଣୀନଦୀ ବୈତରଣୀ ନଦୀରୁ ଆଠଗଡ଼ିହାଠାରୁ ବାହାରି ଦଶରଥପୁର ବ୍ଲକର କସ୍ବା, ମଲ୍ଲିକାପୁର, ଦୁଦୁରାଅନ୍ତା, ଦଉପୁର, କୟାଁ, କମାରଡିହ ପଞ୍ଚାୟତ ମଧ୍ୟରେ ପ୍ରବାହିତ ହୋଇ କୟାଁଗୋଲା ନିକଟରେ ପୁନଶ୍ଚ ବୈତରଣୀ ନଦୀରେ ମିଶିଛି । କାଣୀ ନଦୀର ଦିଗ ଦୁଦୁରାଅନ୍ତା ପଞ୍ଚାୟତ କଣ୍ଟପଡ଼ାଠାରେ ସର୍ପିଳ ଗତିରେ ଯାଇଛି । ଯାହାର ପ୍ରଭାବରେ ବର୍ଷାଋତୁରେ କାଣୀ ନଦୀରେ ଜଳ ସୁଚାରୁରୂପେ ପ୍ରବାହିତ ହୋଇ ନ ପାରି ପ୍ରତ୍ୟେକ ବର୍ଷ ବନ୍ୟା ହୋଇଥାଏ । ଯାହାର ପ୍ରଭାବ ସିଧାସଳଖ ଦୁଦୁରାଅନ୍ତା, ମଲ୍ଲିକାପୁର, ଦଉପୁର, କୟାଁ, କମାରଡିହ, ନିଜାମପୁର ପଞ୍ଚାୟତର ପ୍ରାୟ ୨୦, ୦୦୦ ହଜାର ଲୋକଙ୍କ ଉପରେ ପ୍ରଭାବ ପଡ଼ିବା ସହ ପାଖାପାଖି ୧ ହଜାର ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଥାଏ । ଏହାର ଏକମାତ୍ର କାରଣ କଣ୍ଟାପଡ଼ାଠାରେ କାଣୀ ନଦୀର ସର୍ପିଳ ଗତିପଥ । ନଦୀର ଅଙ୍କାବଙ୍କା ଗତିପଥ ଦେଇ ଠିକ୍ ଭାବେ ବନ୍ୟାଜଳ ପ୍ରବାହିତ ହୋଇ ନ ପାରି ଘାଇ ସୃଷ୍ଟି ହୋଇ ବନ୍ୟା ହୋଇଥାଏ । ଏହାର ସ୍ଥାୟୀ ସମାଧାନ ନିମନ୍ତେ ନଦୀର ଗତିପଥକୁ ସିଧା କରିବା ସହ ନଦୀ ଖୋଳିବା ପାଇଁ କ୍ଷତିଗ୍ରସ୍ତ ଚାଷୀ ଓ ପ୍ରଶାସନ ମଧ୍ୟରେ ଶୁକ୍ରବାର ଏକ ବୈଠକ ଦୁଦୁରାଅନ୍ତା କଣ୍ଟପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ

ଦୁଦୁରାଅନ୍ତା ପଞ୍ଚାୟତର ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦଶରଥପୁର ବ୍ଲକର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ତ୍ରିଲୋଚନ ସେଠୀ, ଦଶରଥପୁର ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ, ଯାଜପୁର ଜଳ ନିକାସ ବିଭାଜନର ଅତିରିକ୍ତ ଅଧିକ୍ଷଣ ଯନ୍ତ୍ରୀ ଶମ୍ଭୁପ୍ରକାଶ ମଲ୍ଲିକ, କୋରେଇ ବିଧାନସଭା ବିଜେପି ପ୍ରଭାରୀ ସୁବାସ ମହାନ୍ତି, ଦୁଦୁରାଅନ୍ତା ପଞ୍ଚାୟତ ଅଧିକାରୀ ଦେବାନନ୍ଦ ପାଢ଼ୀ, ଜିଆରଏସ ବାଲାଜୀ ମୋହନ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଦୁଦୁରାଅନ୍ତା ପଞ୍ଚାୟତର ବିଜେଡି ସଭାପତି ପୀତାମ୍ବର ମାଝୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମିତି ସଭ୍ୟାଙ୍କ ପ୍ରତିନିଧି ଶିଶିର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରକଳ୍ପ ପାଇଁ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ବିଜେପି ନେତା ଗୌତମ ରାୟଙ୍କ ସହଯୋଗ ଲୋଡ଼ାଯାଇଥିଲା । ଉଭୟଙ୍କ ସହଯୋଗ ମିଳିଲେ କଣ୍ଟପଡ଼ାବାସୀଙ୍କ ଦୀର୍ଘ ଦିନର ଦୁଃଖ ଦୂର ହୋଇପାରିବ ବୋଲି ଶ୍ରୀନିବାସ ରାଉତ କହିଥିଲେ । କଣ୍ଟପଡ଼ା, ଆଖୁଆସାହି, ମଲ୍ଲିକାପୁର ଗ୍ରାମର ୪୭ ଜଣ ଚାଷୀଙ୍କ ପ୍ରାୟ ୪ ଏକର ଜମି ଉପରେ ନଦୀ ଖୋଳାଯିବା ଆବଶ୍ୟକ ଥିବାରୁ ସମସ୍ତ କ୍ଷତିଗ୍ରସ୍ତ ଜମିମାଲିକଙ୍କ ପାଇଁ ସରକାର ସହାୟତା ରାଶି ପ୍ରଦାନ କରିବା ବ୍ୟବସ୍ଥା ରହିଛି ଓ ଏଥିରେ ସମସ୍ତ କ୍ଷତିଗ୍ରସ୍ତ ପଞ୍ଚାୟତବାସୀ ସହଯୋଗ କରିବାକୁ ସରପଞ୍ଚଙ୍କ ପ୍ରତିନିଧି ରଶ୍ମିରଞ୍ଜନ ସେଠୀ ନିବେଦନ କରିଥିଲେ । ଅଞ୍ଚଳର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିରଞ୍ଚି ନାରାୟଣ ରାଉତ, କମଳାକାନ୍ତ ରାଉତ, ସୌମେନ୍ଦ୍ର ପରିଡ଼ା, ବାସୁଦେବ ରାଉତ, ମୂର୍ତ୍ତି ରାଉତ, ଅଜୟ ଶତପଥୀ, ଶ୍ରୀନିବାସ ରାଉତ ପ୍ରମୁଖ ସମସ୍ତ ୪୭ ଜଣ କ୍ଷତିଗ୍ରସ୍ତ ଜମି ମାଲିକଙ୍କୁ ଜମି ଛାଡ଼ିବାକୁ ଅନୁରୋଧ କରିଥିଲେ ।



ସକାଳ
THE SAKALA



## ରାସ୍ତାରେ ଜଳିଗଲା ହିଟାଚି ମେସିନ

**ଯାଜପୁର, ୧୪।୨(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ବରୁଆଁ-ଯାଜପୁର ମୁଖ୍ୟ ରାସ୍ତାର ବନ୍ତ ନିକଟରେ ଏଆର୍‌ଏସ୍‌ଏସ୍ କମ୍ପାନୀର ଏକ ହିଟାଚି ମେସିନ୍ ଚାଲୁଥିବା ଅବସ୍ଥାରେ ହଠାତ୍ ନିଆଁ ଲାଗି ଜଳିଯାଇଥିବା ଜଣାପଡ଼ିଛି। ଚାଳକ ସଙ୍ଗେ ସଙ୍ଗେ ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ। ନିଆଁ ଭୟରେ ରାସ୍ତାରେ କିଛି ସମୟ ପାଇଁ ଗାଡ଼ି ମଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ବରୁଆଁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ଘଟଣାରେ ଅଭିଯୁକ୍ତ ଗିରଫ

**ଦଶରଥପୁର, ୧୪।୨(ସମିସ):** ଦଶରଥପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ମୀର ନିଶାମୁଦ୍ଦିନ। ନାବାଳିକା ଜଲସା ଦେଖିବାକୁ ଯାଉଥିବାବେଳେ ଅଭିଯୁକ୍ତ ତାକୁ ବଳପୂର୍ବକ ରାସ୍ତାରୁ ଟେକି ନେଇ ଦୁଷ୍କର୍ମ ଉଦ୍ୟମ କରିଥିଲା। ନାବାଳିକାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ କବଳରୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ଦଶରଥପୁର ଥାନାରେ ଅଭିଯୋଗ ହୋଇଥିବାବେଳେ ପୁଲିସ ୨୭/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ମୀର ନିଶାମୁଦ୍ଦିନକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

### ପ୍ରଶାସନ ନିରବଦ୍ରଷ୍ଟା

# ଅସହାୟ ଲିଜ୍‌ଧାରୀ, ମାଲାମାଲ୍ ଚୋରା ବେପାରୀ

**ଯାଜପୁର/ଜେନାପୁର, ୧୪।୨(ସମିସ)**

ଧର୍ମଶାଳା ତହସିଲ ଅଞ୍ଚଳରେ ବେଧଡକ ଭାବେ ଚୋରା କାରବାର ଚାଲିଛି। ପୂର୍ବରୁ ଏହି ଅଭିଯୋଗ ଲିଜଧାରୀଙ୍କ ବିରୋଧରେ ଆସୁଥିବାବେଳେ ଏବେ ଖୋଦ୍ ଲିଜଧାରୀ ବିଧିବଦ୍ଧ ଭାବେ ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ବିଶେଷକରି ଆରୁହା ଓ ଡଙ୍କାରି କଳା ପଥର ପାହାଡ଼ ଏବେ ମାଫିଆଙ୍କ ଚରାଭୂଇଁ ପାଲଟିଛି। ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ମାଫିଆମାନେ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ବେଆଇନ ଖଣି ଖନନ କରି ଲୁଟି ଚାଲିଛନ୍ତି। ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି।

ସୂଚନା ମୁତାବକ, ଡଙ୍କାରି ମୌଜା ଖାତା ନଂ ୨୨୧, ପ୍ଲଟ ନଂ ୬୦୦, ଚାରି ଏକର କିସମ ପାହାଡ଼କୁ ଯାଜପୁର ଉପବିଭାଗ ଅଧିକାରୀ/ସବ୍‌ଡିଭିଜନ ମାଜିଷ୍ଟ୍ରେଟ (ଏସଡିଏମ)୧୯/୫/୨୪ରେ ୧୪୪ ଧାରା ଜାରି କରି ସର୍ବସାଧାରଣରେ ନିମ୍ନ ତଫସିଲ ବୃତ୍ତିରେ ପୁନଃ ଭୂ-ସ୍ଖଳନ ସମ୍ଭାବନା ହେତୁ ଲଘୁ ଖଣିଜ ପଦାର୍ଥକୁ ଖନନ ଅପସାରଣ ଓ ପରିବହନ ଓ ପ୍ରବେଶକୁ ନିଷିଦ୍ଧ କରାଯାଇଛି। ଉକ୍ତ ଆଦେଶକୁ ଅବମାନନା କଲେ ଭାରତୀୟ ଦଣ୍ଡ ପ୍ରକ୍ରିୟା ସଂହିତା ଅନୁଯାୟୀ ଦଣ୍ଡବିଧାନ କରାଯିବ ବୋଲି ଉଲ୍ଲେଖ କରାଯାଇଛି। କିନ୍ତୁ ସବୁ ସରକାରୀ ନିୟମକୁ ଉଲ୍ଲଂଘନ କରି ପୁନଃ ସମ୍ବେଦନଶୀଳ ଡଙ୍କାରି କଳା ପାହାଡ଼ କ୍ୱାରୀ ନଂ ୫/୧୦ରେ ୧୪୪ ଧାରା ବଳବତ୍ତର ଥିବାବେଳେ ବେଆଇନ ଖନନ ଉତ୍ତୋଳନ ଓ ପରିବହନ କିପରି ହେଉଛି, ତାକୁ ନେଇ ସାଧାରଣରେ ପ୍ରଶ୍ନ ହେଉଛି। ଏଥିପାଇଁ ବଡ ବଡ ମେସିନ, ହାଇୱା, କମ୍ପ୍ରେସର୍ ବ୍ୟବହାର ହେଉଛି। ବେଆଇନ ବ୍ଲାଷ୍ଟିଂ କରି ବିଭିନ୍ନ କ୍ରସରକୁ ଚୋରା ଚାଲାଣ କରାଯାଉଛି। ଡଙ୍କାରି ପାହାଡ଼ କ୍ୱାରୀ ନଂ ୫/୧୦ରୁ କଳା ପଥର ଚୋରୀ ଓ ବଳପୂର୍ବକ ଖନନ ହେଉଥିବା ଖୋଦ୍ ଏହାର ଲିଜଧାରୀ ନାରାୟଣ ରାଉତ ୧୩/୧୧/୨୪ ଓ ୫/୧୨/୨୪ରେ ଯାଜପୁର ଖଣି ଉପନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହିତ ୩୦/୧/୨୫ରେ ଜେନାପୁର ଥାନାରେ ଲିଜଧାରୀ ତାଙ୍କ ଲିଜ୍ ଅବଧି ଥିବା ଖାଦାନରୁ କଳା ପଥର ଚୋରି ହେଉଛି ବୋଲି ଅଭିଯୋଗ କରିବା ସଙ୍ଗେ ଚୋରିରେ ବ୍ୟବହୃତ ଗାଡ଼ିର ନମ୍ବର ସହିତ ମାଲିକଙ୍କ ନାମ ମଧ୍ୟ ଉଲ୍ଲେଖ କରିଛନ୍ତି। ଜେନାପୁର ପୁଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ପୁଲିସର ପାରିବାପଣିଆ ଉପରେ ପ୍ରଶ୍ନ ଉଠୁଛି।

ସେହିପରି ଆରୁହା ପାହାଡ଼ର କ୍ୱାରି ନଂ୧ର ଲିଜଧାରୀ ତ୍ରିନାଥ ଜେନାଙ୍କ ଅଭିଯୋଗ ମୁତାବକ, ତାଙ୍କ ଲିଜ୍ ଅଞ୍ଚଳରୁ ମନୋଜ ସାମଲ ଓ ଶରତ ଜେନା ନାମକ ଦୁଇଜଣ ଲିଜଧାରୀ ବେଆଇନ ପଥର ଉତ୍ତୋଳନ କରୁଛନ୍ତି। ଏ ସମ୍ପର୍କରେ ସେ ପୂର୍ବରୁ ମଧ୍ୟ ଅଭିଯୋଗ କରିଥିବା ଜଣାପଡ଼ିଛି। ନୂଆ ସରକାର ଆସିବାର କିଛିଦିନ ଭିତରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏହି ତହସିଲ ଅଞ୍ଚଳରେ ହେଉଥିବା ବେଆଇନ ଚୋରା ଚାଲାଣ ରୋକିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ସେତେବେଳେ କୌଣସି ଲିଜଧାରୀ ଚୋରି ନେଇ ଅଭିଯୋଗ କରି ନ ଥିଲେ। ଏବେ ଯେତେବେଳେ ଲିଜଧାରୀ ଚୋରି ସମ୍ପର୍କରେ ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଅଭିଯୋଗ କରୁଛନ୍ତି, ସେତେବେଳେ ଧର୍ମଶାଳା ବିଧାୟକ ଚୁପ୍ କାହିଁକି ବୋଲି ପ୍ରଶ୍ନ ଉଠୁଛି। ଏହି ଚୋରି ନେଇ ଜିଲ୍ଲାର ବହୁ ବିଜେପି ନେତା ଖୋଲାଖୋଲି ସାମାଜିକ ଗଣମାଧ୍ୟମରେ ଉଦବେଗ ପ୍ରକାଶ କରୁଥିଲେ ମଧ୍ୟ ସ୍ଥାନୀୟ ବିଧାୟକଙ୍କ କୌଣସି ପ୍ରତିକ୍ରିୟା ନ ଆସିବା ଘଟଣାକୁ ନେଇ ନାନା ଟୁପୁରୁଟାପୁର ହେଉଛି।

ଅଭିଯୋଗ ମୁତାବକ, ଯେଉଁମାନେ ଦିନେ ଧର୍ମଶାଳାରେ ହେଉଥିବା ଲୁଟତରାଜକୁ ବନ୍ଦ କରିବା ପାଇଁ ଧର୍ମଶାଳାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ, ସେହିମାନେ ଉକ୍ତ ଲୁଟତରାଜରେ ସାମିଲ ଥିବା ଚର୍ଚ୍ଚା ହେଉଛି। ଲିଜଧାରୀଙ୍କ ପକ୍ଷରୁ ଦିଆଯାଇଥିବା ଏତଲାରେ ଏକାଧିକ ଗାଡି ନମ୍ବର ରହିଛି ଓ ଏହାର ସଠିକ୍ ତଦନ୍ତ କରାଗଲେ ପ୍ରକୃତ ମାଫିଆଙ୍କ ନିକଟରେ ପହଞ୍ଚିପାରିବ ପ୍ରଶାସନ। ରାଜ୍ୟରେ ଲଘୁ ଖଣିଜ ସମ୍ପଦର ସୁରକ୍ଷା ଦାୟିତ୍ୱ ଖୋଦ ଖଣି ବିଭାଗ ହାତରେ ଥିବାବେଳେ ଜିଲ୍ଲାରେ ଆବଶ୍ୟକ କର୍ମଚାରୀ ନ ଥିବା ଦାହି ଦେଇ ଖସିଯାଉଛି ବିଭାଗ। ଯାହା ପରୋକ୍ଷରେ ମାଫିଆଙ୍କୁ ଚୋରି ଓ ଡକାୟତି କରିବାକୁ ସୁଯୋଗ ସୃଷ୍ଟି କରୁଥିବା ସାଧାରଣରେ ଆଲୋଚନା ହେଉଛି। ଏଭଳି ବେଆଇନ ଚୋରାଚାଲାଣ ଜାରି ରହିଲେ ସ୍ଥାନୀୟ ଅଞ୍ଚଳର ଭୌଗୋଳିକ ଓ ପରିବେଶଗତ ସମସ୍ୟା ସୃଷ୍ଟି ହେବା ଆଶଙ୍କା ରହିଥିବାରୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଖଣି ବିଭାଗ ସହ ଯୋଗାଯୋଗ କରିବାରୁ ଏଭଳି ଅଭିଯୋଗ ମିଳିଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## ସ୍ଲରି ପାଇପ୍‌ଲାଇନ ପାଇଁ ଚାଲିଛି ବେଆଇନ ବ୍ଲାଷ୍ଟିଂ

**ଯଖପୁରା, ୧୪।୨(ସମିସ):** ଜେଏସଡବ୍ଲ୍ୟୁ ସ୍ଲରି ପାଇପ ଲାଇନ ଯୋଡାରୁ ପାରାଦୀପ ପର୍ଯ୍ୟନ୍ତ ମାଟି ତଳେ ଯିବା ବ୍ୟବସ୍ଥା କରାଯାଇଛି। ଏବେ ଏହି କାମ କଳିଙ୍ଗନଗରରେ ଚାଲିଛି। ଦାନଗଦି ମିଲିଟାରୀ ଛକରୁ ପଙ୍କପାଳ ବଙ୍ଗଳା ଛକ ଯାହାକି ବିଜୁ ପଟ୍ଟନାୟକ ମାର୍ଗ କଡ଼ରେ ପାଇପ ପୋତା କାର୍ଯ୍ୟ ଚାଲୁ ରହିଛି। ପଙ୍କପାଳ ପଞ୍ଚାୟତର ମନୋହରପୁର ଗ୍ରାମ (ନୂଆସାହି) ପାଖ ଦେଇ ପାଇପ ପୋତା କାର୍ଯ୍ୟ ଚାଲୁଥିବାବେଳେ ପାଇପ ଯିବା ବାଟରେ କଳାପଥର ପଡ଼ିବାରୁ ତାକୁ ବ୍ଲାଷ୍ଟିଂ କରି ପାଇପ ନେବାକୁ ପ୍ରୟାସ ଚାଲିଛି। କୌଣସି ସୁରକ୍ଷା ବଳୟ ଅଥବା ପାଖରେ ଥିବା ନୂଆସାହି ବସ୍ତି ବାସିନ୍ଦାଙ୍କୁ ଆଗୁଆ ସୂଚନା ନ ଦେଇ ଏଭଳି ବିପଦପୂର୍ଣ୍ଣ କାର୍ଯ୍ୟ କରାଯାଉଛି। ବ୍ଲାଷ୍ଟିଂ କରାଯାଉଥିବା ସ୍ଥାନ ବିଜୁ ପଟ୍ଟନାୟକ ମାର୍ଗରୁ ୫୦ ଓ ନୂଆସାହି ବସ୍ତିରୁ ୫୦ ମିଟର ହେବ। ଏଣୁ ରାସ୍ତାରେ ଯାତାୟାତ କରୁଥିବା ସାଧାରଣ ଲୋକ ଓ ବସ୍ତିବାସିନ୍ଦା ଆତଙ୍କିତ ଅବସ୍ଥାରେ ଅଛନ୍ତି। ପୂର୍ବରୁ ଏଠାରେ ବ୍ଲାଷ୍ଟିଂ କରାଇ କଳାପଥର ବାହାର କରାଯାଇଥିବାବେଳେ ପୁଣି ଏବେ ବ୍ଲାଷ୍ଟିଂ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରଶାସନ ପକ୍ଷରୁ ଠିକା ସଂସ୍ଥାକୁ ବ୍ଲାଷ୍ଟିଂ ପାଇଁ କୌଣସି ଅନୁମତି ଦିଆଯାଇନାହିଁ। ତେଣୁ ପ୍ରଶାସନର ଅନୁମତି ଓ ସ୍ଥାନୀୟ ବାସିନ୍ଦାଙ୍କ ସୁରକ୍ଷା ବଳୟ ଭିତରେ ପାଇପ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେବାକୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## କେବୁଲ ଚୋରି ଘଟଣାରେ ଦୁଇ ଗିରଫ



**ସୁକିନ୍ଦା, ୧୪।୨(ସମିସ):** କଳିଙ୍ଗନଗର ଥାନା ଅନ୍ତର୍ଗତ ଚାନ୍ଦିଆଷ୍ଟ ଗ୍ରୀଡ୍‌ରୁ କେବୁଲ ତାର ଚୋରି ଘଟଣାରେ କଳିଙ୍ଗନଗର ପୁଲିସ ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଚାନ୍ଦିଆଷ୍ଟ ଗ୍ରୀଡ୍‌ରୁ କେବୁଲ ତାର ଚୋରି ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୁଲିସ ବାଲିଗୋଠ ଗ୍ରାମର ସୌମ୍ୟ ବାନାରାଙ୍କ ପୁଅ ରବି ବାନରା ଓ ମିରିଗିଚରା ଗ୍ରାମର ଲାଦୁରା ତିୟୁଙ୍କ ପୁଅ ଭିକୁ ତିୟୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଏନ୍‌ସି କଲେଜ ଛାତ୍ରଙ୍କୁ ଆକ୍ରମଣ ଅଭିଯୋଗ

**ଯାଜପୁର, ୧୪।୨(ସମିସ):** ଯାଜପୁର ଏନ୍‌ସି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜଣେ ଛାତ୍ରଙ୍କୁ କେତେକ ଅଣଛାତ୍ର ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କଲେଜର +୩ କଳା ବିଭାଗ ଛାତ୍ର ସୌରଭ ସେଠୀ କଲେଜ ପରିସରରେ ସାଙ୍ଗଙ୍କ ସହ କଥା ହେଉଥିବା ସମୟରେ ଅଣଛାତ୍ର ମନମୋହନ ସ୍ୱାଇଁ, +୩ ବାଣିଜ୍ୟ ବିଭାଗ ଛାତ୍ର ବିରଞ୍ଚି ନାରାୟଣ କର ଓ ଅନ୍ୟ ୨ଜଣ ଅଣଛାତ୍ର ହଠାତ୍ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ରଡ଼୍‌ରେ ପିଟିଥିଲେ। ତାଙ୍କ ବେକକୁ ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ସିକ୍ୟୁରିଟି ଗାର୍ଡ ଦୌଡି ଆସି ସେମାନଙ୍କ କବଳରୁ ସୌରଭଙ୍କୁ ଉଦ୍ଧାର କରିଥିଲେ। ସୌରଭଙ୍କ ବାପା ପହଞ୍ଚି ଅଧ୍ୟକ୍ଷଙ୍କୁ ଏ ବିଷୟରେ ଅଭିଯୋଗ କରିଥିଲେ ମଧ୍ୟ ଅଧ୍ୟକ୍ଷ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ବାଧ୍ୟ ହୋଇ ସୌରଭ ଯାଜପୁର ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି।

## ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



**ପାଣିକୋଇଲି, ୧୪।୨(ସମିସ):** ୨୦୧୯ ଫେବୃଆରୀ ୧୪ ତାରିଖ ଦିନ ଜାମ୍ମୁ ଓ କାଶ୍ମୀରର ପୁଲୱାମା ଜିଲ୍ଲାରେ ପାକିସ୍ତାନର ଆତଙ୍କବାଦୀଙ୍କ ଆକ୍ରମଣରେ ଭାରତର ୪୦ ଜଣ ଯବାନ ସହିଦ ହୋଇଥିଲେ। ବୀର ସହିଦଙ୍କ ଉଦ୍ଦେଶ୍ୟରେ ପାଣିକୋଇଲିର ସ୍ୱେଚ୍ଛାସେବୀ ସଂଗଠନ ଆମେ ଆପଣଙ୍କ ପାଇଁ ହେଲ୍‌ପିଂ ଗ୍ରୁପ ତରଫରୁ ସ୍ଥାନୀୟ ମା'ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଦୁଇ ମିନିଟ ନିରବ ପ୍ରାର୍ଥନା ସହିତ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅବସରପ୍ରାପ୍ତ ସେନା କର୍ମଚାରୀ ରାଜକିଶୋର ମଲିକ, ଅଶୋକ ବଳ, ରମେଶ ଜେନା, ଚୈତନ୍ୟ ସାହୁଙ୍କ ସମେତ ଭାରତୀୟ ଷ୍ଟେଟ ବ୍ୟାଙ୍କ ପାଣିକୋଇଲି ଶାଖା ପରିଚାଳକ ମାନସ ବେହେରା, ତାରିଣୀ ପଟ୍ଟନାୟକ, ଅଶୋକ ଦାସ, ପ୍ରଦୀପ ମାଝୀ, ସୁନୀଲ ଓଝା, ସରୋଜ ପଣ୍ଡା, ଅନୀଲ ମାଝୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବ୍ୟାସନଗର ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା!

**ବ୍ୟାସନଗର, ୧୪।୨(ସମିସ):** ବ୍ୟାସନଗର ପୌରପରିଷଦ ରାଜନୀତି ଏବେ ପୁଣି ଚର୍ଚ୍ଚାରେ। ପାରିଷଦଙ୍କୁ ଅଣଦେଖା ପୌରାଧ୍ୟକ୍ଷାଙ୍କୁ ଭାରି ପଡ଼ିବା ସହିତ ପଦ ଯିବାର ମଧ୍ୟ ବାଟ ପ୍ରଶସ୍ତ କରାଯାଇଛି। ଦୀର୍ଘଦିନ ଧରି ସହରର ବିକାଶ ଠପ୍ ହୋଇଥିବାବେଳେ ପାରିଷଦଙ୍କୁ ପୌରାଧ୍ୟକ୍ଷା ବିଶ୍ୱାସକୁ ନ ନେବା ଏବେ ତାଙ୍କ ପାଇଁ ବୁମେରାଂ ହେବାକୁ ଯାଉଛି। ପାରିଷଦ ନିଜ ୱାର୍ଡରେ ଜନତାଙ୍କ ରୋଷର ଶିକାର ହେବା ପରେ ଏବେ ଚରମ ନିଷ୍ପତ୍ତି ନେବାକୁ ଯାଉଥିବା ଜଣାପଡ଼ିଛି। ଶନିବାର ଏହି ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ସହିତ ଖବରକୁ ନେଇ ବ୍ୟାସନଗରବାସୀଙ୍କ ମନରେ ଖୁବ୍ ଉତ୍ସୁକତା ପ୍ରକାଶ ପାଇଛି। ଶନିବାର ବ୍ୟାସସରୋବରରେ ବ୍ୟାସନଗର ପୌରପରିଷଦର ୨୬ ପାରିଷଦଙ୍କ ମଧ୍ୟରୁ ପ୍ରାୟ ୨୪ ପାରିଷଦ ଭୋଜି ଆଳରେ ଏକାଠି ହେବା ଏହି ଚର୍ଚ୍ଚାକୁ ଦ୍ୱିଗୁଣିତ କରିଛି। ତେବେ ଆସନ୍ତା ୧୭ ତାରିଖରେ ଏହି ଅନାସ୍ଥା ପ୍ରସ୍ତାବ ଆସିବା ପାଇଁ ପ୍ରସ୍ତୁତି ଜୋରଦାର ଚାଲିଥିବା କୁହାଯାଉଛି।

### ନାବାଳିକା ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଓ ୪୦ ହଜାର ଜରିମାନା

**ଯାଜପୁର, ୧୪।୨(ସମିସ):** ନାବାଳିକା ଦୁଷ୍କର୍ମ ମାମଲାରେ ଶୁକ୍ରବାର ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଓ ୪୦ ହଜାର ଟଙ୍କା ଜରିମାନା ରାୟ ପ୍ରକାଶ କରିଛନ୍ତି ସ୍ୱତନ୍ତ୍ର



ପକ୍‌ସୋ ବିଚାରପତି ଅଭିଜିତ୍ ପଲାଇ। ୨୦୨୩ ମାର୍ଚ୍ଚ ୩୦ ତାରିଖ ରାମନବମୀ ଦିନ ଧର୍ମଶାଳା ଥାନା ଅନ୍ତର୍ଗତ ଗୁଣ୍ଡିଲୋ ଗ୍ରାମରେ ହନୁମାନ ମନ୍ଦିରରେ ମେଳା ଚାଲୁଥିବାବେଳେ ସେଠାକୁ ଜଣେ ୯ ବର୍ଷୀୟ ନାବାଳିକା ଆସି ସାଙ୍ଗମାନଙ୍କ ସହ ଖେଳୁଥିଲା। ଏହି ସମୟରେ ଉକ୍ତ ଗ୍ରାମର ଦିଲ୍ଲିପ କୁମାର ପ୍ରଧାନ ଓରଫ ଗାଣ୍ଡୁ (୨୧) ନାବାଳିକାକୁ ଟେକି ନେଇ ନିଛାଟିଆ ସ୍ଥାନରେ ଦୁଷ୍କର୍ମ କରି ଛାଡି ଦେଇଥିଲା। ଘରକୁ ଫେରି ନାବାଳିକା ପରିବାର ନିକଟରେ କଥା କହିବା ପରେ ପରଦିନ ଧର୍ମଶାଳା ଥାନାରେ ନାବାଳିକାର ବାପା ଏତଲା ଦେଇଥିଲେ। ଧର୍ମଶାଳା ଥାନା ପୁଲିସ ୧୬୧/୨୩ରେ ମାମଲା ରୁଜୁ କରି ଆସାମୀକୁ ଗିରଫ କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ଚୂଡ଼ାନ୍ତ ଶୁଣାଣି କରି ୧୦ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ସ୍ୱତନ୍ତ୍ର ପକ୍‌ସୋ ବିଚାରପତି ଅଭିଜିତ୍ ପଲାଇ ଅଭିଯୁକ୍ତ ଦିଲ୍ଲିପ ପ୍ରଧାନକୁ ୨୦ ବର୍ଷ ଓ ୪୦ ହଜାର ଟଙ୍କା ଜରିମାନା ରାୟ ପ୍ରକାଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲ ଦଣ୍ଡାଦେଶ ଭୋଗ କରିବାକୁ ରାୟରେ ପ୍ରକାଶିତ ହୋଇଛି। ପୀଡିତା ନାବାଳିକାକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ବାବଦକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ମହାନ୍ତି ମାମଲା ପରିଚାଳନା କରିଥିଲେ।

### ପୁଲିସର ଦମନମୂଳକ ନୀତିର ପ୍ରତିବାଦ

## ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡ଼ିଲା ଗଣସଂଗଠନ




**ପାଣିକୋଇଲି, ୧୪।୨(ସମିସ):** ରାତି ଅଧରେ ପୁଲିସ ଚଡ଼ଉ କରୁଛି। ଶାନ୍ତିପୂର୍ଣ୍ଣ ପଦଯାତ୍ରାକୁ ବାରଣ କରି ସିଭିଲ ସୋସାଇଟି ଫୋରମର ଜିଲ୍ଲା ସମ୍ପାଦକ ବିଶ୍ୱନାଥ ପାତ୍ରଙ୍କ କଣ୍ଠରୋଧ ପାଇଁ ଉଦ୍ୟମ କରୁଥିବା ସମ୍ପର୍କରେ ଗଣସଂଗଠନର ନେତୃବୃନ୍ଦ ଆଜି ଯାଜପୁର ଏସପିଙ୍କୁ ଭେଟି ହସ୍ତକ୍ଷେପ ଲୋଡିଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ପରିବେଶ ପ୍ରଦୂଷଣ, ବେରୋଜଗାର, ବିସ୍ଥାପିତ, ଜମିହରାଙ୍କ ସମସ୍ୟା ସମ୍ପର୍କରେ ଲୋକଙ୍କ ଜନଶୁଣାଣି ପାଇଁ ସିଭିଲ ସୋସାଇଟ ଫୋରମର ସମ୍ପାଦକ ବିଶ୍ୱନାଥ ପାତ୍ର କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ୧୧ ତାରିଖରେ କଳିଙ୍ଗନଗର ଥାନାଧିକାରୀଙ୍କଠାରୁ ଅନୁମତି ମାଗିଥିଲେ। ମାତ୍ର କଳିଙ୍ଗନଗର ପୁଲିସ ଅନୁମତି ଦେଇ ନ ଥିବାବେଳେ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ପଦଯାତ୍ରା ବନ୍ଦ କରି ସେମିତି ସଭା କରିବାକୁ ମୌଖିକ ଭାବେ କହିଥିଲେ। ୧୨ ତାରିଖ ରାତିରେ ଯାଜପୁରରୋଡ ପୁଲିସ ବିଶ୍ୱନାଥ ପାତ୍ରଙ୍କୁ ଖୋଜାଖୋଜି କରିବା ସହ ଲୋକଙ୍କୁ ପଚରାଉଚରା କରିବା ସହ ଗିରଫ କରିବା ପାଇଁ ଦୁଇଟି ପିସିଆର ଭ୍ୟାନ ପଇଁତରା ମାରିଥିଲା। ମାତ୍ର ଶ୍ରୀ ପାତ୍ର ୧୩ ତାରିଖରେ ବାରାଗଡ଼ିଆରେ ଜନଶୁଣାଣିରେ ଯୋଗଦେଇଥିଲେ। ଯାଜପୁରରୋଡ୍ ପୁଲିସର ଦମନମୂଳକ ନୀତିର ପ୍ରତିବାଦ କରି ବିଭିନ୍ନ ଗଣସଂଗଠନ ନେତୃବର୍ଗ ଏସ୍‌ପିଙ୍କୁ ଭେଟି ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ। ଏଏସପି ସୀତିକଣ୍ଠ କାନୁନଗୋ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ଓଲକଣା ମେଳଣ ସମନ୍ୱୟ କମିଟିର ପ୍ରସ୍ତୁତି ବୈଠକ



**କୁନ୍ଦଲ, ୧୪।୨(ସମିସ):** ବଡ଼ଚଣା ବ୍ଲକ ପଲାଇ ପଞ୍ଚାୟତସ୍ଥ ଲଙ୍ଗୁଳି ମଠଠାରେ ଓଲକଣା ମେଳଣ ସମନ୍ୱୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଲାଶୁଣୀ ମଠ ମହନ୍ତ ଡଃ ନାମାନନ୍ଦ ଦାସ ଏହି ବୈଠକରେ ସଭାପତିତ୍ୱ କରି ଆଶୀର୍ବାଚନ କରିଥିଲେ। ମୁଖ୍ୟ ସଂଯୋଜକ ରତିକାନ୍ତ ସାମଲ ବୈଠକର ଉଦ୍ଦେଶ୍ୟ ସମ୍ପର୍କିତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆସନ୍ତା ମାସରେ ହେବାକୁ ଥିବା ଓଲକଣା ମେଳଣରେ କିପରି ବିମାନ ଶୃଙ୍ଖଳିତ ଭାବେ କ୍ରମାନ୍ୱୟରେ ପଡ଼ିଆରେ ପହଞ୍ଚିବେ, ସେ ନେଇ ବିଷଦ ଭାବେ ଆଲୋଚନା କରାଯାଇ ଉପସ୍ଥିତ ବିଭିନ୍ନ ମଠ ମନ୍ଦିରର ତତ୍ତ୍ୱାବଧାରକଙ୍କ ମତାମତ ନିଆଯାଇଥିଲା। ଉକ୍ତ ବୈଠକରେ ମହନ୍ତ ପର୍ଶୁରାମ ଦାସ, ମହନ୍ତ ସୁଧାକର ଦାସ, ମକର ପ୍ରଧାନ, କରୁଣାକର କର, ବିଜୟ ମଲ୍ଲିକ, ନରେନ୍ଦ୍ର ଓଝା, ବିଚିତ୍ରାନନ୍ଦ ବିହାରୀ, ରମାକାନ୍ତ ଦାସ, ପ୍ରଦ୍ୟୁମ୍ନ ପଣ୍ଡା, ଶ୍ରୀକାନ୍ତ ସାମଲ, ଲାଲବିହାରୀ ଦାସ, ନିରଞ୍ଜନ ଦାସ, ସୀତାରାମ ଅଧିକାରୀ, ଗୋବିନ୍ଦ ଦାସ, କ୍ଷୀରୋଦ ବିହାରୀ, ରାଜକିଶୋର ମଲ୍ଲ, ମଧୁସୂଦନ ଦାଶ, ପ୍ରଭାତ ନନ୍ଦ, ରମାକାନ୍ତ ଓଝାଙ୍କ ସମେତ ଶତାଧିକ ଠାକୁର ସେବକ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ।

### ସ୍ୱଚ୍ଛ ଭାରତ କଥା ଭୁଲିଗଲେ କି ସ୍ୱଚ୍ଛ ସରକାର

## ମହାପାଟ ଠାକୁରାଣୀ ପୀଠ ଆବର୍ଜନାରେ ଭର୍ତ୍ତି



**ଦାନଗଦି, ୧୪।୨(ସମିସ):** ଗତ ୪ରୁ ୮ ତାରିଖ ପର୍ଯ୍ୟନ୍ତ ତେଲିବାହାଲୀ ମହାପାଟ ପଡ଼ିଆରେ 'ସୁକିନ୍ଦା ଶିଳ୍ପ ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ଶେଷ ହେବା ପରେ କମିଟି ତତ୍ତ୍ୱାବଧାନରେ ପଡ଼ିଆକୁ ସଫା କରାଯାଇଥାଏ। କାହିଁକି ନାଁ ଏହି ପଡ଼ିଆ ମଧ୍ୟରେ ରହିଛି ମା' ମହାପାଟ ଠାକୁରାଣୀଙ୍କ ପୀଠ। ପ୍ରତ୍ୟେକ ଦିନ ମା'ଙ୍କୁ ପୂଜା କରାଯାଏ। ମା'ଙ୍କ ସମ୍ମୁଖରେ ୬ ଦିନ ହେଲା ଏହି ଅଳିହା ଆବର୍ଜନା ସବୁ ପଡ଼ିରହିଛି। ୫ ଦିନ ଧରି ପଡ଼ିଆରେ ଚାଟ, ଗୁପଚୁପ, ଜଳଖିଆ, ତେଲଭାଜି ଆଦି ଦୋକାନର ଅଳିଆ ଚାରିଆଡ଼େ ଗଦା ହୋଇଛି। ମହୋତ୍ସବକୁ ନିଜେ ସମବାୟ ମନ୍ତ୍ରୀ ଉପସ୍ଥିତ ରହି କମିଟି ଜରିଆରେ ତଦାରଖ କରୁଥିଲେ। ତେବେ ମହୋତ୍ସବ ପରେ ପଡ଼ିଆ କେମିତି ସଫା ହେବ, ସେ କଥା ସମ୍ପୂର୍ଣ୍ଣ ଭୁଲି ଯାଇଛନ୍ତି। ଯାହାକି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଅଳିଆ ସଫା ନ ହେବା ଫଳରେ ସ୍ଥାନୀୟ ଅଞ୍ଚଳରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ମୋଦୀ ସରକାର ସ୍ୱଚ୍ଛ ଭାରତ ନାରା ଦେଉଥିବାବେଳେ ସ୍ଥାନୀୟ ବିଧାୟକ ସ୍ୱଚ୍ଛତାକୁ କେତେ ଗୁରୁତ୍ୱ ଦେଉଛନ୍ତି, ତାହା ସାଧାରଣରେ ଆଲୋଚନା ହେଉଛି।

## ବ୍ରାହ୍ମଣୀ ବ୍ରିଜ୍ ଉପରେ ଦୁର୍ଘଟଣା

**କବାଟବନ୍ଧ, ୧୪।୨ (ସମିସ):** ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜ୍ ଉପରେ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ବ୍ରିଜ୍ ଉପରେ ଏକ ହାଇଡ୍ରା ବୁଲେଟକୁ ଧକ୍କା ଦେଇଥିବାବେଳେ କେହି ଆହତ ହୋଇ ନ ଥିବା ଜଣାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଜେନାପୁର ଥାନା ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ତରାସ ଗ୍ରାମର ସରୋଜକାନ୍ତ ବେହେରା ବୁଲେଟରେ ଆସୁଥିବା ସମୟରେ ଏକ ହାଇଡ୍ରା ଧକ୍କା ଦେଇଥିଲା। ଯାଜପୁରରୋଡ୍ ଏସଡିପିଓ ସଞ୍ଜୟ ପଟ୍ଟନାୟକ, ଜେନାପୁର ଥାନା ସବଇନ୍ସପେକ୍ଟର ରଞ୍ଜନ ବେହେରା, ଶଶୀଭୂଷଣ ପରିଡ଼ା ପହଞ୍ଚିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା। ଜେନାପୁର ପୁଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ କରାଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଦଶରଥପୁର ବ୍ଲକ୍‌ରେ ଗ୍ରାମସଭା

**ଦଶରଥପୁର, ୧୪।୨(ସମିସ):** ରାଜ୍ୟ ସରକାରଙ୍କ ନୂଆ ଯୋଜନା ବିକଶିତ ଗାଁ, ବିକଶିତ ଓଡ଼ିଶା ଆଧାରରେ ରାଜ୍ୟର ବିଭିନ୍ନ ପଞ୍ଚାୟତ ଓ ଗ୍ରାମରେ କାର୍ଯ୍ୟକାରୀ ହେବାକୁ ଥିବା ଗ୍ରାମର ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ିକରଣକୁ ନେଇ ଦଶରଥପୁର ବ୍ଲକ ଅନ୍ତର୍ଗତ ୩୫ଟି ପଞ୍ଚାୟତରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନା ଅଧୀନରେ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଗ୍ରାମର ମୌଳିକ ଭିତ୍ତିଭୂମି ବିକାଶ, ଆଭ୍ୟନ୍ତରୀଣ ଓ ସଡ଼କ ସଂଯୋଗୀକରଣ, କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ଉନ୍ନତିକରଣ, ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକରଣ ସମେତ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନର ବ୍ୟବସ୍ଥା ରହିଥିବାବେଳେ ଗ୍ରାମସଭାରେ ସର୍ବସମ୍ମତି ପ୍ରକଳ୍ପ ଚିଠା ପ୍ରସ୍ତୁତ ହୋଇଛି। ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଗ୍ରାମସଭାରେ ପିଇଓ, ଏଡିଇଓ, ସମିତିସଭ୍ୟ/ସଭ୍ୟା, ୱାର୍ଡ ସଭ୍ୟ/ସଭ୍ୟା ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ଏ ପରିପ୍ରେକ୍ଷୀରେ ଖଣ୍ଡରା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଗ୍ରାମସଭା ସରପଞ୍ଚ କୁଞ୍ଜବିହାରୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ପିଇଓ ଲିପ୍‌ସା ନାୟକ ଗ୍ରାମସଭାର ଉଦ୍ଦେଶ୍ୟ ଓ କାର୍ଯ୍ୟାନ୍ୱୟନ ଉପରେ ଉପସ୍ଥିତ ଜନପ୍ରତିନିଧି ଓ ପଞ୍ଚାୟତବାସୀଙ୍କୁ ସବିଶେଷ ସୂଚନା ଦେଇଥିଲେ। ସେହିପରି ଅକରପଡ଼ାରେ ଅନୁଷ୍ଠିତ ଗ୍ରାମସଭାରେ ସରପଞ୍ଚ ଭାରତୀ ନାୟକ, ଚିତାଲୋରେ ବିଜୟଲକ୍ଷ୍ମୀ ଶତପଥୀ, ବିରଜାପୁରରେ ନିରାକାର ସାହୁ, କଟିକଟାରେ କାଞ୍ଚନବାଳା ପରିଡ଼ା, ଇଜାପୁରରେ ରାଜଶ୍ରୀ ସାମଲ, ଗ୍ରାମନନ୍ଦୀପୁରରେ ସଂଯୁକ୍ତା ମହାନ୍ତି, ବିରୁହାଁରେ ସୁବାସ ଦେବତା, ଚମ୍ପେଇପାଳରେ ହିମାଂଶୁ ନାୟକ, ଦଶରଥପୁରରେ ମିନାରାଣୀ ବେହେରା, ପାଲଟପୁରରେ ଲିପିକା ମଲ୍ଲିକ, ଖାନନଗରରେ ଶୁଭଶ୍ରୀ ମଲ୍ଲିକ, କନିକାପଡ଼ାରେ ପ୍ରଦୀପ ଜେନା, ଗୋପାଳପୁରରେ ଏସ୍‌କେ ନାଦର ଅଧ୍ୟକ୍ଷତା କରିଥିଲେ।

### ୨୦୨୩ ବ୍ୟାସସରୋବର ମହୋତ୍ସବ ଇଭେଣ୍ଟ ବକେୟା ଶୁଝିନି ପୌରପରିଷଦ

# ୨ ବର୍ଷ ହେଲା ପୌର କାର୍ଯ୍ୟାଳୟ ଦୌଡୁଛନ୍ତି ବିଧବା ପତ୍ନୀ

**ବ୍ୟାସନଗର, ୧୪।୨(ସମିସ)**

୨୦୨୩ ବ୍ୟାସସରୋବର ମହୋତ୍ସବରେ ଇଭେଣ୍ଟ ମ୍ୟାନେଜମେଣ୍ଟ ହାତେଇଥିବା ଠିକା ସଂସ୍ଥାର ବକେୟା ରାଶି ଏଯାବତ ଶୁଝିପାରୁନି ବ୍ୟାସନଗର ପୌରପରିଷଦ। ଫଳରେ ଠିକାସଂସ୍ଥା କାର୍ବୋ କାର୍ଡିଆକ ଦୀର୍ଘ ୨ ବର୍ଷ ଧରି ବକେୟା ଅର୍ଥ ପାଇଁ ଅଫିସରେ ଗୋଡ ଭାଙ୍ଗି ଛିଡ଼ାହେଉଛି।

ସୂଚନା ମୁତାବକ, ୨୦୨୩ରେ ବ୍ୟାସ ସରୋବର ମହୋତ୍ସବର ଇଭେଣ୍ଟ ମ୍ୟାନେଜମେଣ୍ଟ ନିମନ୍ତେ ପୌର ପରିଷଦ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୩୦ ଲକ୍ଷ ଟଙ୍କାରେ କାର୍ବୋ କାର୍ଡିଆକ ନାମକ ସଂସ୍ଥା ଏହି ଟେଣ୍ଡର ହାତେଇବା ସହିତ ସୁନ୍ଦର ଭାବେ ମହୋତ୍ସବରେ କାର୍ଯ୍ୟକ୍ରମ ପରିବେଷଣ କରିଥିଲା। ତେବେ ମହୋତ୍ସବ ଶେଷ ପରେ ବ୍ୟାସନଗର ପୌର ପରିଷଦ ପକ୍ଷରୁ ପାର୍ଟ ପେମେଣ୍ଟ ମାଧ୍ୟମରେ ୧୮ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ବକେୟା ୧୧ ଲକ୍ଷ ୪୦ ହଜାର ଅର୍ଥ ଦୀର୍ଘବର୍ଷ ହେବ ପ୍ରଦାନ କରାଯାଉନାହିଁ। ଏହାରି ଭିତରେ ଅତ୍ୟନ୍ତ ଆର୍ଥିକ ଚାପ ଓ ମାନସିକ ଭାବେ ଆଘାତ ପାଇ ସଂସ୍ଥାର ମାଲିକ ଦିବ୍ୟଜିତ ମହାପାତ୍ରଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତ୍ୟୁ ପୂର୍ବରୁ ଚିକିତ୍ସା ନିମନ୍ତେ କାର୍ଯ୍ୟ ସମୟର ବକେୟା ଅର୍ଥ ପ୍ରଦାନ କରିବାକୁ ତାଙ୍କ ପତ୍ନୀ ବାରମ୍ବାର ପୌରାଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀଙ୍କୁ ନିବେଦନ କରିଥିଲେ ମଧ୍ୟ ପୌର ଅଧ୍ୟକ୍ଷା ଶ୍ରୀମତୀ ସଙ୍ଗୀତା ପିଙ୍ଗୁଆ ଦିଆଯିବ ଦିଆଯିବ କହି ଦିନ ପରେ ଦିନ ଗଡ଼ାଇ ଚାଲିଛନ୍ତି। ଫଳରେ ଅର୍ଥାଭାବରୁ ଚିକିତ୍ସିତ ଅବସ୍ଥାରେ ଦେବଜିତ ଇହଲୀଳା ସମ୍ବରଣ କରିଥିଲେ। ଏହାରି ମଧ୍ୟରେ ପ୍ରାୟ ଶତାଧିକ ଥର ତାଙ୍କ ପତ୍ନୀ ସୁମନ ନାୟକ ବକେୟା ଅର୍ଥ ନିମନ୍ତେ ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀଙ୍କଠାରୁ ଆରମ୍ଭ କରି ପୌରାଧ୍ୟକ୍ଷାଙ୍କୁ ବିନତି କରିଥିବାବେଳେ ଏଯାବତ୍ ଫଳ ଶୂନ୍ୟ ରହିଛି।

ଏହାରି ମଧ୍ୟରେ ୨ ବର୍ଷ ବିତିଯିବା ସହିତ ଅନ୍ୟ ସଂସ୍ଥା କାର୍ଯ୍ୟ କରି ଅର୍ଥ ପାଇସାରିଥିବାବେଳେ କାର୍ବୋ କାର୍ଡିଆକ ସଂସ୍ଥାକୁ କାହିଁକି ଅର୍ଥ ପ୍ରଦାନ କରାଯାଉନାହିଁ ତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଅର୍ଥ ପ୍ରଦାନରେ ପୌରାଧ୍ୟକ୍ଷା ଟାଳଟୁଳ ନୀତି ଅବଲମ୍ବନ କରୁଥିବା ନେଇ ଶନିବାର ଦେବଜିତଙ୍କ ପତ୍ନୀ ସୁମନ ପୌର କାର୍ଯ୍ୟାଳୟରେ ପହଞ୍ଚିଥିଲେ ମଧ୍ୟ ମହୋତ୍ସବ ପାଇଁ କେହି ନ ଥିବାରୁ ସେ ବାଧ୍ୟ ହୋଇ ମହୋତ୍ସବ ସ୍ଥଳକୁ ଆସି ନିଜର ଦୁଃଖ କହିଥିଲେ। ତେବେ ସୁମନ ମହୋତ୍ସବ ସ୍ଥଳରେ ପହଞ୍ଚିବା ପରେ ପୌର ଅଧିକାରୀଙ୍କ ମନରେ ଛନକା ପଶିବା ସହିତ ତାଙ୍କ ସହିତ ଆଲୋଚନା କରାଯାଇ ଶନିବାର ତାଙ୍କୁ ୧ ଲକ୍ଷ ୯୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ନିର୍ବାହୀ ଅଧିକାରିଣୀ ନମ୍ରତା ମୋଦୀ ପ୍ରତିଶ୍ରୁତି ଦେଇଥିବା ସେ କହିଥିଲେ। ତେବେ କାର୍ବୋ କାର୍ଡିଆକର ବକେୟା ରାଶି ପ୍ରଦାନରେ ବିଳମ୍ବ ନେଇ ପୌର ନିର୍ବାହୀ ଅଧିକାରିଣୀଙ୍କୁ ପଚାରିବାରୁ ସେ ଏବେ ନୂତନ ଭାବେ ଦାୟିତ୍ୱ ନେଇଥିବାରୁ ତାଙ୍କ ଫାଇଲ ଦେଖିବା ପରେ ଖୁବ୍‌ଶୀଘ୍ର ଅର୍ଥ ପ୍ରଦାନ ନେଇ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ତେବେ ଶନିବାର କାର୍ବୋ କାର୍ଡିଆକକୁ ୧ ଲକ୍ଷ ୯୦ ହଜାର ଅର୍ଥ ପଠାଇବା କଥାକୁ ନିର୍ବାହୀ ଅଧିକାରିଣୀ ମୋଦି ଅଗ୍ରାହ୍ୟ କରିବା ସହିତ ଏପରି କିଛି ସେ କହି ନ ଥିବା କହିଛନ୍ତି।

ଭଦ୍ରକରେ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ରାଉରକେଲା ରଙ୍ଗମଞ୍ଚର 'ଜୀବନ ଯେମିତି' ମଞ୍ଚସ୍ଥ

ଭଦ୍ରକ,୧୪।୨(ସମିସ):

ଭଦ୍ରକ ସହିଦ ସ୍ମୃତି ଭବନଠାରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ୨୨ତମ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ-୨୦୨୫ର ଆଜି ୨ୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ନଟରାଜ ସାଂସ୍କୃତିକ ଅନୁଷ୍ଠାନର ସଭାପତି ନାଟ୍ୟକାର ଡ. ସୁଧାଂଶୁ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଆଜି ରାଉରକେଲା ରଙ୍ଗମଞ୍ଚ ଦ୍ୱାରା ମଞ୍ଚସ୍ଥ ନାଟକ 'ଜୀବନ ଯେମିତି'ର ନିର୍ଦ୍ଦେଶକ କୈଳାସ ପାଣିଗ୍ରାହୀ ନାଟକ ସମ୍ପର୍କରେ ସୂଚନା ଦେଇ କହିଲେ ଯେ, ମଣିଷ ମଣିଷକୁ ବୁଝି ପାରିଲେ ପରିବାରର ଶୃଙ୍ଖଳା ରହିବା ସଙ୍ଗେ ସଙ୍ଗେ ସମାଜ ବଞ୍ଚିରହେ। ବୁଝାମଣା ଅଭାବରୁ ବେଳେ ବେଳେ ପରିବାର ଭୁଶୁଡି ପଡେ। ଚେତା ଫେରିଲା ବେଳକୁ ଉତ୍ତୀର୍ଣ୍ଣ ଅପରାହ୍ନରେ ସବୁକିଛି ହଜି ଯାଇଥାଏ। ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଭଦ୍ରକର ଐତିହ୍ୟ, ପରମ୍ପରା ଓଡିଶା ମାନଚିତ୍ରରେ ଖ୍ୟାତି ଅର୍ଜନ କରିଛି। ଏହି ମାଟିରେ ଛିଡା ହେଲାବେଳେ ମୁଁ ଗର୍ବ ଅନୁଭବ କରେ। ନଟରାଜ ସାଂସ୍କୃତି ଅନୁଷ୍ଠାନ ଭଦ୍ରକରେ ନୂଆ ନାଟ୍ୟ ଆନ୍ଦୋଳନ ସୃଷ୍ଟି କରିଛି। ଏହି ସଂସ୍ଥାର ଉଦ୍ୟମକୁ ମୁଁ ପ୍ରଶଂସା କରୁଛି ଓ ଉତ୍ତୋରତର ଉନ୍ନତି କାମନା କରୁଛି ବୋଲି କହିଥିଲେ।



ଅନୁଷ୍ଠିତ ମହୋତ୍ସବରେ ଗତକାଲି ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ଆଜି ଜିଲ୍ଲାର ଅନ୍ୟତମ ନାଟ୍ୟକାର ଅଟଳବିହାରୀ ନାୟକ ଓ ମଞ୍ଚସ୍ଥ ନାଟକର ନିର୍ଦ୍ଦେଶକ କୈଳାସ ପାଣିଗ୍ରାହୀଙ୍କୁ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜି ପରିବେଷିତ ନାଟକ 'ଜୀବନ ଯେମିତି'କୁ ଡ. ପଞ୍ଚାନନ ପାତ୍ର ରଚନା କରିଥିଲେ। ଅଭିନୟରେ ସ୍ୱଦେଶ ନାୟକ, ସରୋଜ, ଶଙ୍ଖୁଆ, ଉମାଶଙ୍କର ପଣ୍ଡା, ସୌମ୍ୟରଂଜନ ଲେଙ୍କା, ଦେବଜିତ ପଟ୍ଟନାୟକ, ସୌମ୍ୟା ସୁରଜିତା ଓ ନିର୍ଦ୍ଦେଶକ କୈଳାସ ମହାପାତ୍ର ଅଭିନୟ କରିଥିଲେ। ଅନୁଷ୍ଠାନର ସମ୍ପାଦକ ନରେନ୍ଦ୍ର ପରିଡା, ଉପସଭାପତି ଶିବପ୍ରସାଦ ମହାନ୍ତି, ଯୁଗ୍ମ ସମ୍ପାଦକ ଦେବବ୍ରତ ମହାନ୍ତି, ପ୍ରଦୀପ ମହାପାତ୍ର, ରମାକାନ୍ତ ବାରିକ, ନିରଞ୍ଜନ ସ୍ୱାଇଁ ଓ କାଳନ୍ଦୀ ମଲ୍ଲିକ ପ୍ରମୁଖ ବରିଷ୍ଠ କଳାକାର ନାଟ୍ୟ ମହୋତ୍ସବ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

# ନେହରୁ ଯୁବକେନ୍ଦ୍ର ପକ୍ଷରୁ ଜିଲ୍ଲାସ୍ତରୀୟ କ୍ରୀଡ଼ା ଉତ୍ସବ




ଭଦ୍ରକ,୧୪।୨(ସମିସ): ସ୍ଥାନୀୟ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆ ଠାରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଅଛି। ଜିଲ୍ଲା ଯୁବ ଅଧିକାରୀ ଏମ୍ ବିଘ୍ନେଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ କୁମାର ରାୟ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସ, ଅତିରିକ୍ତ କ୍ରୀଡ଼ାଧିକାରୀ ରମେଶ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଜିଲ୍ଲାର ୪ଟି ବ୍ଲକରୁ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଯୁବ ଖେଳାଳୀ ଅଂଶଗ୍ରହଣ କରିଥିଲେ। କୃତୀ ଖେଳାଳୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଇଥିଲା। ସ୍ୱେଚ୍ଛାସେବୀ ସତ୍ୟବ୍ରତ ଦାସ ପରି.ଳନା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।

# ମୁଣ୍ଡ ଉପରେ ପରୀକ୍ଷା; ବିଦ୍ୟାଳୟରେ ନାହାନ୍ତି ଶିକ୍ଷକ

ବାରିକପୁର/ମଞ୍ଜୁରୀରୋଡ଼,୧୪।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ବନ୍ଦାଲୋ-ମଢିଆଳି ପଞ୍ଚାୟତ ବଳିପୁର ଠାରେ ଥିବା ସୁବର୍ଣ୍ଣମୁଖୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ଏବେ ଶିକ୍ଷକ ଶୂନ୍ୟ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ଷଷ୍ଠ ଓ ସପ୍ତମ ଶ୍ରେଣୀରେ ପ୍ରାୟ ୪୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୨ଜଣ ଶିକ୍ଷକ ରହିଥିଲେ। ଏଥିମଧ୍ୟରୁ ୨୦୨୩ମସିହାରେ ଜଣେ ଶିକ୍ଷକ ଅବସର ଗ୍ରହଣ କରିଥିବା ବେଳେ ଗତ ମାସ ଅନ୍ୟ ଜଣେ ଶିକ୍ଷକ ଅବସର ଗ୍ରହଣ କରିଛନ୍ତି। ମୋଟାମୋଟି ଭାବେ ଦୁଇ ଗୋଟି ଶ୍ରେଣୀ ପାଇଁ ଏବେ କୌଣସି ଶିକ୍ଷକ ନାହାନ୍ତି। ଆଗକୁ ବାର୍ଷିକ ପରୀକ୍ଷା ରହିଥିଲେ ହେଁ ଶିକ୍ଷକ ନଥିବା କାରଣରୁ ପାଠପଢା ଏକପ୍ରକାର ଅଧାରେ ଅଟକିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଚିନ୍ତାରେ।

ବଳିପୁର ପ୍ରାଥମିକ ବିଦ୍ୟାଳୟ ଓ ସୁବର୍ଣ୍ଣମୁଖୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋଟିଏ ହତା ମଧ୍ୟରେ ରହିଛି। ଉକ୍ତ ବିଦ୍ୟାଳୟକୁ ଛାଡିଦେଲେ ଏଠାରୁ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠ ମଞ୍ଜୁରୀରୋଡ଼ ୭କିମି ଦୂରତାରେ ରହିଥିବା ବେଳେ ବନ୍ଦାଲୋ -ମଢ଼ିଆଳୀ ଉଚ୍ଚ ବିଦ୍ୟାଳୟଟି ୫କିମି ଦୂରରେ ରହିଛି। ତେଣୁ ଏହି ଦୁଇଗୋଟି ବିଦ୍ୟାଳୟକୁ ରେଳପଥ ଓ ନାଳ ପାରି ହୋଇ ଯିବା ପାଇଁ ବିଦ୍ୟାର୍ଥୀମାନଙ୍କ ପାଇଁ ସମ୍ଭବ ନୁହେଁ। ତେଣୁ ଏ ସମସ୍ତ ସମସ୍ୟା ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମାନେ ବିଭାଗୀୟ ମନ୍ତ୍ରୀ, ସଚିବ, ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା ଫଳ କିନ୍ତୁ ଶୂନ୍ୟ ହୋଇଛି। ଅଭିଯୋଗକୁ ନେଇ ଏଯାଏଁ ବିଦ୍ୟାଳୟରେ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏନେଇ ବ୍ଲକ ଶିକ୍ଷାଧିକାରୀଙ୍କ ମତାମତ ନେବାରୁ ସେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କୁ ଦୁଇଗୋଟି ଶ୍ରେଣୀରେ ପାଠ ପଢ଼ାଇବା ପାଇଁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ସେପଟେ ପ୍ରାଥମିକ ବିଦ୍ୟାଳୟରେ ୬୪ଜଣ ପିଲାଙ୍କୁ ମାତ୍ର ୩ଜଣ ଶିକ୍ଷକ ଥିବା ବେଳେ ସେଠାରୁ କେଉଁଭଳି ଭାବେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଆସି ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କୁ ପାଠ ପଢ଼ାଇବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

● ପ୍ରଶ୍ନପତ୍ର ଲିକ୍ ଘଟଣା

# ସାଇବର ପୁଲିସ ଦ୍ୱାରା ଯୁବକ ଗିରଫ

ଦୋବଲ,୧୪।୨(ସମିସ): ପ୍ରଶ୍ନପତ୍ର ଲିକ୍ ଘଟଣାରେ ଧାମନଗର ଥାନା ଅଞ୍ଚଳ ମୁସ୍ତାଫାପୁର ପଞ୍ଚାୟତ ଗୌଡ଼ବିଶି ନୂଆପଡ଼ାର ଯୁବକ ଜ୍ୟୋତିରଞ୍ଜନ ବାରିକଙ୍କୁ କଟକ ସାଇବର ଥାନା ପୁଲିସ ଗିରଫ କରିଛି। ଏକ ଏଜେନ୍ସି ପକ୍ଷରୁ ଗତବର୍ଷ କରାଯାଇଥିବା ମାମଲାରେ ଜ୍ୟୋତିରଞ୍ଜନଙ୍କ ନାଁ ସାମନାକୁ ଆସିଥିଲା। ଏହାର ତଦନ୍ତ କରି ସାଇବର ଥାନା ପୁଲିସ ଆଜି ଗୋ÷ଡ଼ବିଶି ନୂଆପଡ଼ାରେ ପହଞ୍ଚି ଜ୍ୟୋତିରଞ୍ଜନଙ୍କୁ ତାଙ୍କ ଘରୁ ଗିରଫ କରିଥିଲେ। ଧାମନଗର ଥାନାକୁ ନେଇଥିଲେ। ସେଠାରେ ଏନେଇ ଲିଖିତ ଭାବେ ଜଣାଇ ଜ୍ୟୋତିରଞ୍ଜନଙ୍କୁ ସାଙ୍ଗରେ ନେଇ ପଳାଇଥିଲେ। ଧାମନଗର ଥାନା ଏସ୍‌ଆଇ ତଥା ଦାୟିତ୍ୱ ନିର୍ବାହୀ ଥାନା ଅଧିକାରୀ ରାଜେଶ ସେଠୀ କହିଛନ୍ତି ଯେ, କେଉଁ ନିର୍ଦ୍ଦିଷ୍ଟ ମାମଲାରେ ଜ୍ୟୋତିରଞ୍ଜନଙ୍କୁ ଗିରଫ କରାଯାଇଛି ସେନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ହେଲେ ଏକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ବୋଲି ତାଙ୍କୁ କୁହାଯାଇଥିଲା। ଅଭିଯୋଗ ନେଇ ଜ୍ୟୋତିରଞ୍ଜନ କହିଛନ୍ତି ଯେ, ସେ ପିଲାଙ୍କୁ କୋଚିଂ ଦିଅନ୍ତି। କଟକରେ ତାଙ୍କର କୋଚିଂ ସେଣ୍ଟର ରହିଛି। ସେଠାରେ ମାଟ୍ରିକ ଓ ପ୍ଲସଟୁ ପିଲା ଟ୍ୟୁସନ ହୁଅନ୍ତି। ଗତବର୍ଷ ପିଲାଙ୍କୁ ପଢ଼ାଇବା ଉଦ୍ଦେଶ୍ୟରେ ଏକ ପ୍ରଶ୍ନପତ୍ର ୟୁଟ୍ୟୁବରେ ଅପଲୋଡ କରିଥିଲେ। ତାଙ୍କୁ ଅନ୍ୟଜଣେ ଶିକ୍ଷକ ଏହି ପ୍ରଶ୍ନପତ୍ର ଦେଇଥିଲେ। ହେଲେ ସେ କୌଣସି ପ୍ରଶ୍ନପତ୍ର ଲିକ୍ ଘଟଣାରେ ସାମିଲ ନାହାନ୍ତି ବୋଲି ସଫେଇ ଦେଇଛନ୍ତି।

# ଶିଶୁ ଉପଯୋଗୀ ପରିବେଶ ସୃଷ୍ଟି କରିବାକୁ ଆହ୍ୱାନ



ଭଦ୍ରକ,୧୪।୨(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଶନ ବାତ୍ସଲ୍ୟ ଅନ୍ତର୍ଗତ କିଶୋର ନ୍ୟାୟ ଆଇନ ନିମନ୍ତେ ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟ ଓ ଅଂଶୀଦାର ସମୂହଙ୍କ ଭୂମିକା ଶୀର୍ଷକ କର୍ମଶାଳା ଜିଲ୍ଲା ପୁଲିସ କାର୍ଯ୍ୟାଳୟ ସଭାଗୃହରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାସୁଦେବ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡ଼. ଦେବରାଜ ପାଣିଗ୍ରାହୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟକୁମାର ନନ୍ଦ, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗ ଦେଇ ଶିଶୁମାନଙ୍କ ନିମନ୍ତେ ସ୍ୱତନ୍ତ୍ର ପୁଲିସ ବାହିନୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ବିଭିନ୍ନ ଦୃଷ୍ଟାନ୍ତମୂଳକ ଉଦାହରଣ ଦେଇଥିଲେ। ଶିଶୁଙ୍କ ସହ ସର୍ବଦା ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ସର୍ବଦା ଶିଶୁ ଉପଯୋଗୀ ଶିଶୁମିତ୍ର ପରିବେଶ ସୃଷ୍ଟି କରିବା ବୋଲି ପ୍ରମୁଖ ବକ୍ତାମାନେ ଉଦବୋଧନ ଦେଇଥିଲେ।

■ ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟ୍ ଓ ଅଂଶୀଦାର ସମୂହଙ୍କ କର୍ମଶାଳା

ଶିଶୁ ସୁରକ୍ଷା ଶାଖା ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ବିଷୟ ବିଶାରଦ ଭାବେ ସଂଯୋଗ, କଟକର ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂ, ମନସ୍ତତ୍ତ୍ୱବିତ ଲୋନି ଲିଓନା ବେହେରା, କିଶୋର ନ୍ୟାୟ ପରିଷଦର ସଦସ୍ୟ ଆଇନଜୀବୀ ବନମାଳୀ ଜେନା, ଲଳିତା ସାହୁ ପ୍ରମୁଖ ଯୋଗଦାନ କରି ଆଇନ ସହ ଦ୍ୱନ୍ଦରେ ଥିବା ଶିଶୁଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା, ପୁଲିସର ଭୂମିକା, ମାନସିକ ଅବସ୍ଥାର ପରିବର୍ତ୍ତନ, ଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷା ନିମନ୍ତେ ଶିଶୁଙ୍କୁ ଉତ୍ସାହିତ କରିବାକୁ ପ୍ରୟାସ ଜାରି ରଖିବା ସମ୍ବନ୍ଧରେ ଚିତ୍ର ପ୍ରଦର୍ଶନୀ ମାଧ୍ୟମରେ ଅବଗତ କରିଥିଲେ।

କର୍ମଶାଳାରେ ସମସ୍ତ ଥାନାରେ କାର୍ଯ୍ୟରତ ମହିଳା ଶିଶୁ ଡେସ୍କର ଅଧିକାରୀ, ଶିଶୁ ମଙ୍ଗଳ କମିଟି, ଶିଶୁଅନୁଷ୍ଠାନର ଅଧୀକ୍ଷକ, ପରାମର୍ଶଦାତା, ପ୍ୟାନେଲ ଆଇନଜୀବୀ, ବିଭିନ୍ନ ସାମାଜିକ ଅନୁଷ୍ଠାନ, ସ୍ୱତନ୍ତ୍ର ବିଦ୍ୟାଳୟର ଅନୁବାଦକ, ପାରାଲିଗାଲ କର୍ମୀ, ଚାଇଲ୍ଡ ଲାଇନ ସଂଯୋଜିକା ଶୁଭଶ୍ରୀ ପଡ଼ିଆରୀ, କର୍ମୀ ଚନ୍ଦ୍ରକାନ୍ତ ଗୋଚ୍ଛାୟତ, ଲକ୍ଷ୍ମଣ ଜେନା, ନବୀନ ଚନ୍ଦ୍ର ବେହେରା, କାହ୍ନୁ ମଲ୍ଲିକ, ଦିଗବିଜୟ ମହାନ୍ତିଙ୍କ ସମେତ ଶିଶୁ ସୁରକ୍ଷା ୟୁନିଟ୍‌ର ଅଣ-ଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ୍, ମହେଶ ଚନ୍ଦ୍ର ଦାଶ, ଧୀରଜ ବାରିକ, ସୁଦର୍ଶନ ବଦ୍ରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିଶୁ ସୁରକ୍ଷା ୟୁନିଟର ବିଶ୍ୱନାରାୟଣ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କାଜିସାହିରେ ଅଗ୍ନିକାଣ୍ଡ

ଭଦ୍ରକ,୧୪।୨(ସମିସ): ଭଦ୍ରକ ପୌରପାଳିକା ୧୯ନଂ. ୱାର୍ଡ କାଜିସାହିରେ ଅଗ୍ନିକାଣ୍ଡ ଘଟି ଜଣେ ବୃଦ୍ଧାଙ୍କ ଘର ଜଳିଯାଇଛି। ଦିନ ପ୍ରାୟ ୧ଟାରେ ବୃଦ୍ଧା କୋବ୍ରା ବିବି ନିଜ ଘରେ ଶୋଇଥିବା ବେଳେ କୌଣସି କାରଣରୁ ଘରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଘରୁ ଉଦ୍ଧାର କରିବା ସହିତ ନିଆଁକୁ ଆୟତ କରିବାକୁ ଲାଗି ପଡ଼ିଥିଲେ। ନିଆଁ ଲାଗିଥିବା ଘର ଆଖପାଖରେ ଅନେକ ଚାଳଘର ଥିବାରୁ ଅନେକ ପରିବାର ଭୟଭୀତ ହୋଇ ପଡ଼ିଥିଲେ। ପରେ ଘଟଣା ସ୍ଥଳରେ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# କୁଣ୍ଡିକାଳୀ ପୀଠରେ ସାଂସ୍କୃତିକ ମହୋତ୍ସବ




ଭଦ୍ରକ,୧୪।୨(ସମିସ): ଭଦ୍ରକର ଐତିହାସିକ ପୀଠ ମା କୁଣ୍ଡିକାଳୀ ପୀଠରେ ସରସ୍ୱତୀ ପୂଜା କମିଟି ପକ୍ଷରୁ ୨୭ତମ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଶ୍ରୀଧର ଜେନାଙ୍କ ସଭାପତିତ୍ୱରେ ଲକ୍ଷ୍ମୀଧର ଦାସଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ରବିନାରାୟଣ ଖିଲାର ସମ୍ମାନୀତ ଅତିଥି ଭାବେ ସରପଞ୍ଚ ନରହରି ସାହୁ, କାଉନସିଲର ଆଶିଷ ଅମିତାଭ ମହାପାତ୍ର, ସାମ୍ବାଦିକ ପ୍ରିୟଦର୍ଶନ ବୋଇତି, ସଂଗୀତ ନିର୍ଦ୍ଦେଶକ ଧୀରେନ୍ଦ୍ର କୁମାର ଦାସ କମିଟିର ସଭାପତି ଶିବ ଚରଣ ମଲ୍ଲିକ,ଶିକ୍ଷକ ପ୍ରଶାନ୍ତ ତ୍ରିପାଠୀ, ପ୍ରଦୀପ ଜେନା,ସଙ୍ଗୀତଜ୍ଞ ପ୍ରଶାନ୍ତ ଓଝା,ସସ୍ମିତା ଜେନା,ଯୁବ ନେତା ବୁଲୁ ଲେଙ୍କା ପ୍ରମୁଖ ଯୋଗଦେଇ କହିଲେ ଭଦ୍ରକ ଜିଲ୍ଲା ସାହିତ୍ୟ, ସଂସ୍କୃତି ଓ କଳାର ମାଟି। କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ଏ କୁଣ୍ଡିକାଳୀ ପୀଠରେ ସରସ୍ୱତୀ ପୂଜା କମିଟି ଦୀର୍ଘ ୨୭ବର୍ଷ ଧରି ଉଦ୍ୟମ ଜାରି ରଖିଛି, ଯାହାକି ଏହି ପୀଠରେ କୁନି କୁନି କଳାକାର ମାନେ ସେମାନଙ୍କର ନୃତ୍ୟ ପରିବେଷଣ କରି ଆଜି ଜିଲ୍ଲାର ଭଦ୍ରାୟଣୀ, ଭଦ୍ରକ ମହୋତ୍ସବ, ଭଦ୍ରକ ସାଂସ୍କୃତିକ ମହୋତ୍ସବ ପାଖରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନରେ ନୃତ୍ୟ ଓ ସଂଗୀତ ପରିବେଷଣ କରି କୃତୀତ୍ୱ ଅର୍ଜନ କରିଛନ୍ତି କ୍ଷମା ଙ୍କ ପୀଠକୁ ଅମାବାସ୍ୟାରେ ବହୁ ଭକ୍ତ ଆସି ଦୀପ ବସାଇ ମାନସିକ କରିଥାନ୍ତି ଓ ଭକ୍ତଙ୍କ ମାନସିକ ପୂରଣ ହୋଇଥାଏ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଜାତୀୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ଥିଲା କ୍ଷକୃତୀ ନୃତ୍ୟ ଓ ସଂଗୀତ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପ୍ରଶଂସା ପତ୍ର ଓ କପ ପ୍ରଦାନ କରିଥିଲେ। ଶେଷରେ ସାମ୍ବାଦିକ ଅକ୍ଷୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଚେୟାରମ୍ୟାନଙ୍କ ଅଭିଯୋଗ; ବିଡିଓଙ୍କ ନାମରେ ମାମଲା

ଭଣ୍ଡାରିପୋଖରୀ,୧୪।୨(ସମିସ): ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀଙ୍କ ଅଭିଯୋଗ ଆଧାରରେ ବିଡିଓ ଦେବଦତ୍ତ ଦାଶଙ୍କ ନାମରେ ଗୁରୁବାର ସନ୍ଧ୍ୟାରେ ମାମଲା ରୁଜୁ ହୋଇଛି। ଗତ ୭ ତାରିଖରେ ବିଜେଡି ପକ୍ଷରୁ ବିଡିଓଙ୍କ କାର୍ଯ୍ୟାଳୟରେ ଘଟିଥିବା ଘଟଣାରେ ବିଡିଓ ଦେବଦତ୍ତ ଦାଶଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିଲା। ସେହିଦିନ ଅଧ୍ୟକ୍ଷା ସୁମତୀ ସେଠୀ ବିଡିଓଙ୍କ ନାମରେ ପାଲଟା ଅଭିଯୋଗ କରିଥିଲେ। ଅଭିଯୋଗର ୮ ଦିନ ପରେ ସାନି ତାରିଖ ସମ୍ବଳିତ ଅଭିଯୋଗ ଆଧାରରେ ବିଡିଓ ଶ୍ରୀ ଦାଶଙ୍କ ନାମରେ ମାମଲା ହୋଇଥିବା ଜଣାଯାଇଛି। ଉପଖଣ୍ଡ ପୁଲିସ ଅଧିକାରୀ ତ୍ରିଲୋଚନ ସେଠୀ ମାମଲାର ତଦନ୍ତକାରୀ ଅଧିକାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ସାତଶୋଳା ବିଦ୍ୟାଳୟର ବାର୍ଷିକ ଉତ୍ସବ

ମଞ୍ଜୁରୀରୋଡ଼,୧୪।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ନାଆମୀ ପଞ୍ଚାୟତ ସାତଶୋଳା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନାଆମୀ ସମିତିସଭ୍ୟ ସନ୍ତୋଷ କୁମାର ନାୟକ, ସାଧନକେନ୍ଦ୍ର ସଂଯୋଜିକା କୁସୁମଲତା ମହାପାତ୍ର, ପ୍ରାକ୍ତନ ସିଆରସିସି ଅଶୋକ ରାଉତ, ସମାଜସେବୀ ମହେଶ୍ୱର ବେହେରା, ପରିଚାଳନା କମିଟି ସଭାପତି ଭାଗବତ ସେନାପତି ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ନାଟକ ଓ ସଂଗୀତ ଆଦି ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତୀ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପୀତାମ୍ବର ନାୟକ ସ୍ୱାଗତ ଭାଷଣ, ସହକାରୀ ଶିକ୍ଷୟିତ୍ରୀ ସଂଗୀତା ଜଗଦ୍ଦେବ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷୟିତ୍ରୀ ରଂଜିତା ସେଠୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ପରିଚାଳନା କରିଥିଲେ।

ଭଦ୍ରାୟଣୀର ଦ୍ୱିତୀୟ ସନ୍ଧ୍ୟା; ପଲ୍ଲୀଶ୍ରୀ ମେଳାରେ ୨୪୦ ଷ୍ଟଲ୍

# ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ



ଭଦ୍ରକ,୧୪।୨(ସମିସ): ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀର ୨ୟ ସନ୍ଧ୍ୟାରେ ପଲ୍ଲିଶ୍ରୀ ମେଳାର ବିଭିନ୍ନ ଷ୍ଟଲରେ ଖଚାଖଚ୍ ଭିଡ଼ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକଙ୍କ ସମାବେଶ ଦେଖିବାକୁ ମିଳିଛି। ଦ୍ୱିତୀୟ ଦିନର ସାନ୍ଧ୍ୟ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁଶେଖର ବଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭଦ୍ରାୟଣୀ ଭଦ୍ରକ ଜିଲ୍ଲାର ପରିଚୟ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର କୁମାର ବିଶ୍ୱାଳ ଯୋଗ ଦେଇ ଜିଲ୍ଲା ଓ ଜିଲ୍ଲା ତଥା ରାଜ୍ୟ ବାହାରର କଳା, ସଂସ୍କୃତି, ଚଳନିକୁ ନେଇ ଆୟୋଜିତ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀର ସଫଳତା ଉପରେ ଆଲୋକପାତ କରିଥିଲେ।

ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଧ୍ୟ ନିଜ ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧୀୟ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ତହସିଲଦାର ଭଦ୍ରକ, ଭଣ୍ଡାରିପୋଖରୀ ପ୍ରମୁଖ ଯୋଗ ଦେଇଥିଲେ।

ସୂଚନା ଯୋଗ୍ୟ, ଭଦ୍ରାୟଣୀର ପଲ୍ଲୀଶ୍ରୀ ମେଳାରେ ସମୁଦାୟ ୨୪୦ଟି ଷ୍ଟଲ୍ ପ୍ରଦର୍ଶନ କରାଯାଇଛି। ସେଥିମଧ୍ୟରେ ୩୩ଟିରେ ଖାଦ୍ୟ ମେଳା, ୪୦ଟିରେ କୃଷି ମେଳା, ୩୫ଟିରେ ହସ୍ତତନ୍ତ ମେଳା, ୮୮ଟିରେ ଏସ୍‌ଏଚଜି ଏବଂ ପିଜି ମାନଙ୍କର ଉତ୍ପାଦ, ୧୦ଟି ଷ୍ଟଲରେ ରାଜ୍ୟ ବାହାରର ହସ୍ତଶିଳ୍ପ, ୩ଟିରେ ବ୍ୟାଙ୍କ,୨୧ଟିରେ ବିଭିନ୍ନ ସରକାରୀ ବିଭାଗ, ୬ ଟିରେ ସେବା ପ୍ରଦାନକାରୀ, ୧ଟିରେ ଥିମ ଷ୍ଟଲ ପ୍ରଦର୍ଶନ କରାଯାଇଛି।

## ଆସିଲେନି ମୁଖ୍ୟ ଓ ନିମନ୍ତ୍ରିତ ଅତିଥି

ଦ୍ୱିତୀୟ ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟସୂଚୀ ଅନୁଯାୟୀ ଅସୀମା ପଣ୍ଡାଙ୍କ ଦଳ ଦ୍ୱାରା ସଙ୍ଗୀତ, ପ୍ରଜ୍ଞା ଓ ଶଙ୍କରଙ୍କ ଦ୍ୱାରା ହାସ୍ୟ, ଓଲିଉଡ ତାରକା ଶିବାନୀଙ୍କ କାର୍ଯ୍ୟକ୍ରମ ସିଜ୍‌ଲର୍ସ ଡାନ୍ସ ଗ୍ରୁପ ଓ ପାଇକ ଆଖଡ଼ା କାର୍ଯ୍ୟକ୍ରମ ପରିବେଷଣ ଦର୍ଶକ ମାନଙ୍କୁ ବିଭୋର କରିଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପିଙ୍କି ଝା ମଞ୍ଚ ପରିଚାଳନା କରିଥିଲେ। ସାନ୍ଧ୍ୟ ସଭା ପୂର୍ବରୁ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଓଲଙ୍ଗର ଶିକ୍ଷୟିତ୍ରି କାଦମ୍ବରୀ କରଶର୍ମାଙ୍କ ମଞ୍ଚ ପରିଚାଳନାରେ ସ୍ଥାନୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ତେବେ ଆଜିର ଉତ୍ସବକୁ ମୁଖ୍ୟଅତିଥି ଭାବେ ନିମନ୍ତ୍ରିତ ହୋଇଥିବା ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ଜିଲ୍ଲାର (ବାସୁଦେବପୁର ବ୍ଲକ ବ୍ୟତୀତ) ଅନ୍ୟ ବ୍ଲକ ତଥା ପୌରପାଳିକାର ଅଧ୍ୟକ୍ଷମାନେ ଅନୁପସ୍ଥିତ ଥିଲେ।

# ପାଲା ସମାରୋହ

ଅସୁରାଳି,୧୪।୨(ସମିସ): ଧାମନଗର ବ୍ଲକ ଧୂଷୁରୀଠାରେ ଗାୟକ ଭୂଷଣ ପଣ୍ଡିତ କରୁଣା ସିନ୍ଧୁ ନାୟକ ସ୍ମୃତି ସଂସଦ ତରଫରୁ ପ୍ରତିଷ୍ଠିତ ପାଲା ଗାୟକମାନଙ୍କୁ ନେଇ ପାଲା ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ପ୍ରତିଷ୍ଠିତ ପାଲା ଗାୟକ ଡ଼ଃ ରାଜ କିଶୋର ନାୟକ, ପ୍ରଶାନ୍ତ କୁମାର ବେହେରା, ସତ୍ୟବ୍ରତ କର, ଗାୟିକା ମାମିନା ବେହୁରିଆ, କବିତା ରାଣୀ ଦେ ଏବଂ ଅନିମା ରାଉତ ପ୍ରମୁଖ ପାଲା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧାପକ ବ୍ରଜ ମୋହନ ନାୟକ, ଅଧାପକ ରବୀନ୍ଦ୍ର ବେହୁରିଆ, ପଣ୍ଡିତ ନୃସିହ ଚରଣ ନାୟକ, ପଣ୍ଡିତ ଦୟାନିଧି ମିଶ୍ର, ନନ୍ଦ କିଶୋର ନାୟକ, ଶରତ ସୂତାର, ଉପେନ୍ଦ୍ର ନାଥ ଦାସ, ପ୍ରବୋଧ ନାୟକ, ବରିଷ୍ଠ ନେତା ଚନ୍ଦ୍ର ଶେଖର ନାୟକ, ବରିଷ୍ଠ ନେତୃତ୍ୱ ତଥା ସମାଜ ସେବୀ ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ନାରାୟଣ ଚନ୍ଦ୍ର ମିଶ୍ର ଏବଂ ହେମନ୍ତ ସୁତାର ପ୍ରମୁଖ ଯୋଗଦାନ କରି ଉତ୍ସବ କୁ ସାଫଲ୍ୟ ମଣ୍ଡିତ କରିଥିଲେ।

**ଶୀତ ଉତ୍ସବ ଚତୁର୍ଥ ସନ୍ଧ୍ୟା**

# ସୌରଭଙ୍କ ଗୀତ ଓ ବାଘନୃତ୍ୟରେ ଦର୍ଶକ ବିଭୋର

ଧାମନଗର,୧୪।୨(ସମିସ)



ଧାମନଗର ଶୀତ ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା ଗୁରୁବାର ଓଡିଶା ଆଦର୍ଶ ବିଦ୍ୟାଳୟ ସମ୍ମୁଖ ଜୟନଗର ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଜଗନ୍ନାଥ ରାଉତ ମଞ୍ଚ ଓ ଚତୁର୍ଥ ସନ୍ଧ୍ୟା ଗାୟକ ସୌରଭ ଭରଦ୍ୱାଜ, ଦେବାଶିଷ ମହାପାତ୍ରଙ୍କ ଏବଂ ଗଞ୍ଜାମର ପ୍ରସିଦ୍ଧ ବାଘନୃତ୍ୟ ହଜାର ହଜାର ଦର୍ଶକଙ୍କୁ ବିଭୋର କରିଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସୋମା ମହାପାତ୍ରଙ୍କ ସଂଯୋଜନାରେ ଦିବଂଗତ ଜନନେତା ପ୍ରାକ୍ତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ପ୍ରତି ସମର୍ପିତ ମଞ୍ଚରେ ମୁଖ୍ୟବକ୍ତା ଭାବରେ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗ ଦେଇଥିଲେ। ଅତିଥିଗଣ ବକ୍ତବ୍ୟରେ ଧାମନଗର ମାଟିର ପୂଜ୍ୟପୂଜା ପରମ୍ପରାକୁ ସ୍ମରଣୀୟ ବୋଲି ମତଦେଇ ମାଟିର ତିନିଜଣ ଦିବଂଗତ ଜନପ୍ରିୟ ଜନନେତା ମୁରଲୀଧର ଜେନା, ବିଷ୍ଣୁ ସେଠୀ, ହୃଦାନନ୍ଦ ମଲ୍ଲିକ ଏବଂ ଜଗନ୍ନାଥ ରାଉତଙ୍କ ନାମରେ ନାମିତ କରିବା ସମସ୍ତଙ୍କ ପାଇଁ ଉଦାହରଣ ବୋଲି କହିଥିଲେ।

ଧାମନଗର ବିଧାୟକ ତଥା ଶୀତ ମହୋତ୍ସବ ପରିଷଦର ସଭାପତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଉମାମଣି ସାହୁ, ରଞ୍ଜିତା ସ୍ୱାଇଁ, ସଭ୍ୟ ସୁରଥ ଚନ୍ଦ୍ର ସେଠୀ, ସରୋଜ ମହାପାତ୍ର ଅତିଥିମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ ବରିଷ୍ଠ ସାହିତ୍ୟିକ ଅର୍ଜୁନ ପଣ୍ଡା, ଡ଼. ପ୍ରିୟମ୍ବଦା ମଲ୍ଲିକ, ଶିକ୍ଷାବିତ୍ ଦୟାନିଧି ପ୍ରଧାନ, ନାଟ୍ୟ ନିର୍ଦ୍ଦେଶକ ଧର୍ମେନ୍ଦ୍ର ଦାସ, ମୂର୍ତ୍ତିକାର ଶରତ ବାରିକ, ମେଧାବୀ ଛାତ୍ର ସାଇଜ୍ୟୋତି ମଲ୍ଲିକ, ସଂସ୍କୃତି ସଂଗଠକ ମାନଗୋବିନ୍ଦ ମଳିକ, ଚିତ୍ରଶିଳ୍ପୀ ଶ୍ରୀମା ସାହୁ, ସେନା ଅଧିକାରୀ ସୂର୍ଯ୍ୟମଣି ପୁହାଣ ଏବଂ ନୃତ୍ୟଶିଳ୍ପୀ ଶୁଭେନ୍ଦୁ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗ ମିଳିତ ସହଯୋଗରେ ଚାଲିଥିବା ମହୋତ୍ସବ ପଲ୍ଲିଶ୍ରୀ ମେଳାରେ ବହୁ ଦୂରଦୂରାନ୍ତରୁ ଦର୍ଶକଙ୍କ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା।

## ଧାମନଗର ବ୍ଲକ ଓ ଏନ୍‌ଏସିରେ ସବେବରାତ ପର୍ବ

ଧାମନଗର,୧୪।୨(ସମିସ): ଧାମନଗର ବ୍ଲକ ଓ ଏନ୍‌ଏସି ଅସଞ୍ଚଳରେ ପବିତ୍ର ସବେବରାତ ପର୍ବ ଜାକଜମକରେ ପାଳିତ ହୋଇଯାଇଛି। ଏହି ଅବସରରେ ଗୁରୁବାର ସନ୍ଧ୍ୟାରେ ସମସ୍ତଙ୍କ ଘରେ, ବିଭିନ୍ନ ମଜାର ସରିଫ୍ ଏବଂ କବରସ୍ଥାନ ମାନଙ୍କରେ ଫୁଲ ଓ ସୁସଜ୍ଜିତ ଆଲୋକରେ ବେଶ ଆକର୍ଷଣୀୟ ହୋଇଥିଲା। ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ମହମବତୀ ଓ ଧୂପ ଜାଳି ପୂର୍ବ ପୁରୁଷମାନଙ୍କୁ ମନେ ପକାଇ କବରସ୍ଥାନ ଓ ମଜାର ସରିଫ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। କବରସ୍ଥାନ ଓ ମଜାର ସରିଫଠାରେ କୋରାନ ପାଠ ପଢା ସହିତ ଭକ୍ତ ଓ ଶ୍ରଦ୍ଧାଳୁ ଧାମନଗର ଅଞ୍ଚଳରେ ଥିବା ବିଭିନ୍ନ କବରସ୍ଥାନ ଏବଂ ମଜାର ସରିଫ ଯଥା ଖାନକା ସରିଫ୍ ପୀରବାବାଙ୍କଠାରୁ ଆରମ୍ଭ କରି ବଡେଖାନ ଗାଜି, ଶାହା ଜମାଲଉଦ୍ଦିନ, କାଜିତୟବ ବାବା, ମାନ୍ନାବାବା, ଜଗତି କଦମରସୁଲ, ମୌଲାନା ସାହାବୁଦ୍ଦିନ, ବାଘୁବାବା, ସାସବ ବାବା, କାଜି ସହେବ ପୀରବାବାଙ୍କ ସମେତ ବିଭିନ୍ନ ମଜାର ସରିଫ୍ ବୁଲି ବୁଲି ଦର୍ଶନ ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହି ଉପଲକ୍ଷେ ଖାନକା ସରିଫ୍ ମତ୍ୱଓଲି ସୟଦ ଗୋଲାମ ମହମ୍ମଦ ହବିବି ସମସ୍ତ ମଜାର ସରିଫ୍ ଯାଇ ପୀରବାବାଙ୍କ ଦର୍ଶନ କରିଛନ୍ତି। ସେହିପରି ଏହି ବ୍ଲକ ଅନ୍ତର୍ଗତ ଦୋବଲ, ମୁସ୍ତଫାପୁର, ପିତେଇପୁର, ଚୁଡାକୁଟି, ଗୁଡିପୋଖରୀ, ପନ୍ଦରବାଟିଆ, ନଦୀଗାଁ ଆଦି ସ୍ଥାନରେ ଏହି ପର୍ବ ପାଳନ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଧାମନଗର ଓ ଧୂଷୁରୀ ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଫୋର୍ସ ମୁତୟନ କରାଯାଇଥିଲା।

## ରାଜେନ୍ଦ୍ରପୁର ବିଦ୍ୟାଳୟରେ ମାତୃପିତୃ ପୂଜନ ଉତ୍ସବ



ମଞ୍ଜୁରୀରୋଡ଼,୧୪।୨(ସମିସ): ଫେବୃଆରୀ ୧୪ ଉପଲକ୍ଷେ ରାଜେନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପବିତ୍ର ମାତୃପିତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ଗୁଡିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ସାମଲ, ବିଶ୍ୱମ୍ବର ମାଝୀ, ମନସିନୀ ବିଶ୍ୱାଳ, ସାମ୍ବାଦିକ ବିକାଶ ବେହେରା, ଦେବାନନ୍ଦ ସେଠୀ ଉପସ୍ଥିତ ରହି ମାତା ପିତାଙ୍କ ପୂଜା ଉତ୍ସବ ଆଭିମୁଖ୍ୟ ସମ୍ପର୍କରେ ମତ ଦେଇଥିଲେ। ଏଥିରେ ଯୋଗଦେଇଥିବା ମାତା ପିତାଙ୍କୁ ପିଲାମାନେ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଆଖୁଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରଧାନଶିକ୍ଷକ ବିଭୁତିଭୂଷଣ ମହାନ୍ତି ଓ ଅରେକଣା ବିଦ୍ୟାଳୟ ଠାରେ ପ୍ରଧାନଶିକ୍ଷକ ପୁଷ୍ପକ ଚନ୍ଦ୍ର ଭାରତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାତୃପିତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହିଭଳି ସରସଦା ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷୟିତ୍ରୀ ଭକ୍ତି ନୈବେଦ୍ୟ ସାମଲଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବର ଆୟୋଜକ ଶ୍ରୀ ଯୋଗ ବେଦାନ୍ତ ସମିତିର ବରିଷ୍ଠ ସଦସ୍ୟ ତଥା ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା ଉପସ୍ଥିତ ରହି ସାମ୍ପ୍ରତିକ ସମୟରେ ମାତାପିତାଙ୍କ ସମ୍ମାନାର୍ଥେ ଉକ୍ତ ଉତ୍ସବର ଆବଶ୍ୟକତା ଜରୁରୀ ବୋଲି ମତ ଦେଇଥିଲେ।

## ଭାଗବତ ଟୁଙ୍ଗି ଠାରେ ବୈଦିକ ଉତ୍ସବ

ବାରିକପୁର,୧୪।୨(ସମିସ): ଭଣ୍ଡାରିପୋଖରୀ ଶାରଦା ବିଦ୍ୟା ମନ୍ଦିର ପକ୍ଷରୁ ସରସଦା ଭାଗବତ ଟୁଙ୍ଗି ପରିସରରେ ବୈଦିକ ଉତ୍ସବ ଭାବେ ମାତୃପିତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟା ମନ୍ଦିରର ବରିଷ୍ଠ ଗୁରୁଜୀ ଶୁଶାନ୍ତ ସେନାପତି ଯୋଗଦେଇ ଉକ୍ତ ଉତ୍ସବ ସମ୍ପର୍କରେ ମତ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ମାତା ପିତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଉତ୍ସବକୁ ଗୁରୁମା ସସ୍ମିତା ସ୍ୱାଇଁ, ରିନାରାଣୀ ପଣ୍ଡା, କବିତାରାଣୀ ତ୍ରିପାଠୀ, ଅର୍ଚ୍ଚନା ମହାଳିକ, ସୁଇଟି ନାୟକ ପ୍ରମୁଖ ପରିଚାଳନା କରିଥିଲେ। ସେହିଭଳି ମଞ୍ଜୁରୀ ସ୍ଥିତ ଶାରଦା ବିଦ୍ୟାମନ୍ଦିର ଠାରେ ପ୍ରଧାନଆଚାର୍ଯ୍ୟ ନିର୍ମଳ ଚନ୍ଦ୍ର ସେନାପତିଙ୍କ ସଂଯୋଜନାରେ ମାତୃପିତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ପବନ କୁମାର ନାୟକ, ମହେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ଉକ୍ତ ବୈଦିକ ଉତ୍ସବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ଯୋଗ ଦେଇଥିବା ମାତାପିତାଙ୍କୁ ଛାତ୍ରଛାତ୍ରୀମାନେ ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରିଥିଲେ। ଅନୁରୂପ ଭାବେ ବନସ୍ତା, ଛତାବର, ଧାମନଗର ଛକ ଓ ବିଷ୍ଣୁପୁର ସରସ୍ୱତୀ ଶିଶୁ ମନ୍ଦିର ଠାରେ ମାତୃପିତୃ ପୂଜନ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି।

## ଅଣ୍ଡିଆ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ବନ୍ତ/ଆଗରପଡ଼ା,୧୩।୨(ସମିସ): ବନ୍ତ ବ୍ଲକ ଅନ୍ତର୍ଗତ ଅଣ୍ଡିଆ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମାକାନ୍ତ ସାହୁଙ୍କ ତତ୍ତ୍ୱାବଧାନ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିର୍ମଳ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ସିଆରସିସି ସନ୍ତୋଷ କୁମାର ମଲ୍ଲିକ, ପ୍ରାକ୍ତନ ସିଆରସିସି ରତିକାନ୍ତ ମଲ୍ଲିକ, ସମ୍ମାନିତ ଅତିଥି ସୁନା ଗଡିଆ ବିଦ୍ୟାଳୟ ଧର୍ମେନ୍ଦ୍ର ନାରାୟଣ ଜେନା, ସମାଜସେବୀ ରବୀନ୍ଦ୍ର ଧଳ, ଶିକ୍ଷାବିତ୍ ବସନ୍ତ ଦାସ, ପ୍ରଫୁଲ୍ଲ ନାୟକ, ଧନେଶ୍ୱର ଖଣ୍ଡେଇ, ବାଇଧର ଓଝା, ରାଜେନ୍ଦ୍ର ବେହେରା, ପରିଚାଳନା କମିଟି ସଭାପତି ଅନନ୍ତ ଗୋପାଳ ମାଝୀ, ଆଲୁମିନି କମିଟି ସଭାପତି କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଗୌତମ ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାର୍ଷିକ ବିବରଣୀ ପଠନ ନମିତା ସେଠି ଓ ଧନ୍ୟବାଦ ଅର୍ପଣ ରଞ୍ଜିତା ଜେନା ପ୍ରଦାନ କରିଥିଲେ। ଅନୁଷ୍ଠିତ ବିଭିନ୍ନ କ୍ରୀଡାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଓ ଶିକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଶିବ ଚରଣ ଜେନା, ଅରୁଣ କୁମାର ରାଉତ, ଗୋପୀନାଥଙ୍କୁ ସମ୍ମାନିତ କରାଯାଇଥିଲା।

## ଗୋପିନାଥଜୀଉ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବନ୍ତ/ଆଗରପଡ଼ା,୧୩।୨(ସମିସ): ବନ୍ତ ବ୍ଲକ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ଗୋପିନାଥଜୀଉ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମଂଜୁଲତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଆରସିସି ହରେକୃଷ୍ଣ ଆପଟ, ମୁଖ୍ୟବକ୍ତା ସାହିତ୍ୟିକ ତଥା ବିଶିଷ୍ଟ ପ୍ରବଚକ ହରିହର ପାଣିଗ୍ରାହୀ,ସମ୍ମାନିତ ଅତିଥି ଏବିଓ ପ୍ରମୋଦ ପଣ୍ଡା, ଭାଗିରଥି ପାତ୍ର, ସରପଞ୍ଚ ସବିତାରାଣୀ ନାୟକ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢୀ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଧର୍ମେନ୍ଦ୍ର ନାରାୟଣ ଜେନା, ଅବସରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ଖଟୁଆ, ପୂର୍ବତନ ସିଆସିସି ବିକ୍ରମ ପାଲ ଓ ସିଆରସିସି ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ନାଥ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦଚନ୍ଦ୍ର ରାଉତ, ରତ୍ନାକର ନାୟକ, ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଜେନା ପିଲାମାନଙ୍କ ଉଦ୍ଦେଶ୍ୟରେ ନିଜନିଜ ମତ ରଖିଥିଲେ। ଶିକ୍ଷକ ପଞ୍ଚାନନ ପୃଷ୍ଟି ଅତିଥି ପରିଚୟ, ଶିକ୍ଷୟିତ୍ରୀ ପଦ୍ମାବତୀ ଗାହାଣ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ଶଶିକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ସିଦ୍ଧିବିନାୟକ ଗଜାନନଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବନ୍ତ ବ୍ଲକରେ ୫ମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ପୁନମ୍ ପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



## ମହିଳା ମହାସଂଘ ସଭ୍ୟାଙ୍କ ମାସିକ ବେତନ ଦାବି

● ଦାବି ପୂରଣ ନହେଲେ ସଂଘରୁ ଓହରିବାକୁ ଚେତାବନୀ



ବନ୍ତ/ଆଗରପଡ଼ା,୧୩।୨(ସମିସ): ବନ୍ତ ବ୍ଲକ ଗୋପିନାଥପୁର ପଞ୍ଚାୟତରେ ଥିବା ଗୋପିନାଥପୁର ମହିଳା ମହାସଂଘର ସଭ୍ୟାମାନେ ସରକାର ସେମାନଙ୍କୁ ମାସିକ ବେତନ ପ୍ରଦାନ ନକଲେ ସଂଘରୁ ଓହରିବାକୁ ଚେତାବନୀ ଦେଇଛନ୍ତି। ସଭ୍ୟାଙ୍କ କହିବା ଅନୁଯାୟୀ ପୂର୍ବ ସରକାର ମହିଳା ମହାସଂଘ ସଭ୍ୟାଙ୍କୁ ମାସିକ ୧୦୦୦ଟଙ୍କା ବେତନ ପ୍ରଦାନ ନିମନ୍ତେ ଘୋଷଣା କରିଥିଲେ କିନ୍ତୁ ସେମାନେ ଏହା ପାଇବାରୁ ବଞ୍ଚିତ ହୋଇଥିବା ବେଳେ ବର୍ତ୍ତମାନର ସରକାର ମଧ ଉକ୍ତ ଘୋଷଣାକୁ ଆଜି ସୁଦ୍ଧା ପାଳନ କରୁନାହାନ୍ତି। ଅପରପକ୍ଷରେ ଉକ୍ତ ମହିଳା ମହାସଂଘର ପାଖାପାଖି୧୫୦ଟି ଗ୍ରୁପ। ୧୦ଟି ଗ୍ରୁପକୁ ନେଇ ଗୋଟିଏ ମଞ୍ଚ। ଏହିପରି ଉକ୍ତ ମହାସଂଘର ୧୭ଟି ମଞ୍ଚ କାର୍ଯ୍ୟ କରୁଥିବା ବେଳେ ପ୍ରତି ମଞ୍ଚରେ ୨ଜଣ ଇସି କାର୍ଯ୍ୟ କରୁଛନ୍ତି। କିନ୍ତୁ ସଦସ୍ୟାମାନେ ଅଭିଯୋଗ କରୁଛନ୍ତି ଯେ ବନ୍ତ ବ୍ଲକର ୨୫ଟି ପଞ୍ଚାୟତ ମଧ୍ୟରୁ ଗୋପିନାଥପୁର ଓ ଅନ୍ୟକିଛି ପଞ୍ଚାୟତରେ ପ୍ରତି ମଞ୍ଚରେ କାର୍ଯ୍ୟକରୁଥିବା ଇସି ମାନଙ୍କୁ ଯେଉଁମାନେ ୨ବର୍ଷରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟକରିଛନ୍ତି ସେମାନଙ୍କ ସ୍ଥାନରେ ନୂତନ ଇସିଙ୍କୁ ନିଯୁକ୍ତି ଦିଆଯାଇଛି। ୪ବର୍ଷରୁ ଉର୍ଦ୍ଧ ସମୟ ଧରି କାର୍ଯ୍ୟ କରିଥିବା ଇସିଙ୍କୁ ବାର୍ଷିକ ଦରମାଦେଇ ପଦରୁ ବିଚ୍ୟୁତ କରାଯାଇଥିବା ବେଳେ ନୂତନ ଇସିମାନେ ସେମାନଙ୍କ କାର୍ଯ୍ୟର ସମୟସୀମାକୁ ୫ବର୍ଷକୁ ବଢାଇବା ସହ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରୁଥିବା ବେଳେ ସଭ୍ୟାମାନେ ବିନା ସ୍ୱାର୍ଥରେ କ'ଣ ପାଇଁ କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ କରିବା ସହିତ ପୂର୍ବ ସରକାର ଘୋଷଣା କରିଥିବା ବେତନକୁ ବର୍ତ୍ତମାନର ସରକାର କାର୍ଯ୍ୟକାରୀ ନକଲେ ସେମାନେ ସମସ୍ତେ ସଂଘରୁ ଓହରିବେ ବୋଲି ଚେତାବନୀ ଦେଇଛନ୍ତି।

## ପଳିକିରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



ଧାମନଗର,୧୪।୨(ସମିସ): ଧାମନଗର ବ୍ଲକ ଭଗବାନପୁର ପଳିକିରୀ ଉପ୍ରା ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ପୂର୍ବତନ ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁଧାକାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡା, ବରେଣ୍ୟ ଅତିଥି ଭାବେ ସମାଜସେବୀ ସହଦେବ ସାହୁ, ମୁଖ୍ୟବକ୍ତା ଭାବେ ଆଗରପଡା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପ୍ରଶିକ୍ଷକ ନିର୍ମଳ ଚନ୍ଦ୍ର ସେଠୀ, ବରେଣ୍ୟ ବକ୍ତା ଭାବେ ଅଧ୍ୟାପକ ଚିତ୍ତରଞ୍ଜନଦାଶ ଯୋଗଦେଇ ପିଲାମାନଙ୍କୁ ଶିକ୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆନନ୍ଦପୁର ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି, ଶିକ୍ଷକନେତା ସନ୍ତୋଷ ଲେଙ୍କା, ଭାବଗ୍ରାହୀ ଖୁଣ୍ଟିଆ, ରମଣୀ ରଞ୍ଜନ ଦାସ, ପ୍ରଫୁଲ୍ଲ ପାତ୍ର, ସୁଦର୍ଶନ ମାଝୀ, ପୁରାତନ ଛାତ୍ର ବଳରାମ ଦାସ, ପ୍ରହଲ୍ଲାଦ ବେହେରା, ଆଇନଜୀବୀ ସୁବ୍ରତ ନନ୍ଦ, ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା, ସେକ୍ ଜାଫର ଅଲ୍ଲୀ, ସନ୍ତୋଷ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁରୁଷୋତମ ଦାସ,ଶିକ୍ଷକ ଲକ୍ଷ୍ମୀଧର ଦାଶ ମଞ୍ଚ ଓ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଓ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିବା ବେଳେ ଛାତ୍ରୀ ରାଜଶ୍ରୀ ମିଶ୍ର, ସ୍ୱାତୀସ୍ମିତା ନନ୍ଦ ଉଦ୍‌ଘୋଷିକା କାର୍ଯ୍ୟ ତୁଲାଇ ଥିଲେ।

ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନାଏବ ସରପଞ୍ଚ ଗୌରାଙ୍ଗ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଷ୍ଟମ ଶ୍ରେଣୀ ସାହିତ୍ୟ ବହିରେ ଥିବା ବ୍ୟାସକବି ଫକୀରମୋହନଙ୍କ ମୂଳ ଲେଖା ଡାକମୁନସିରୁ ସଂଗୃହୀତ ତଥା ପ୍ରଧାନ ଶିକ୍ଷକ ନିରାକାର ରାଉତଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଏହି ଅବସରରେ ବରେଣ୍ୟ ଅତିଥି ଶ୍ରୀ ସାହୁ ଏସ୍ ଏମ ସି ସଭାପତି ସୁଧାକାର ମାଝୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଧାମନଗର ମହାବିଦ୍ୟାଳୟ ଇତିହାସ ବିଭାଗ ସେମିନାର




ଦୋବଲ,୧୪।୨(ସମିସ): ପ୍ରାଚୀନ ସାମ୍ରାଜ୍ୟର ପତନଠାରୁ ଆରମ୍ଭ କରି ଆଧୁନିକ ଅର୍ଥନୈତିକ ବ୍ୟବସ୍ଥା ପର୍ଯ୍ୟନ୍ତ। ଆଜିର ପରିବେଶ ପରିବର୍ତ୍ତନ ମୁଖ୍ୟତଃ ମାନବ କାର୍ଯ୍ୟକଳାପ ଦ୍ୱାରା ଘଟୁଥିବା ବେଳେ, ଗତକାଲିରେ ପୃଥିବୀର ଜଳବାୟୁ ପରିବର୍ତ୍ତନ ସହ ମାନବ ଜୀବନରେ ଅନେକ ରୂପରେ ପ୍ରଭାବ ପକାଇଛି। ଐତିହାସିକ ଦୃଷ୍ଟିକୋଣରୁ ମାନବ ସମାଜ ବିବର୍ତ୍ତନ ଯାତ୍ରାରେ ଜଳବାୟୁର ପ୍ରମୁଖ ଭୂମିକା ରହିଛି ବୋଲି ଧାମନଗର ଡ଼ିଗ୍ରୀ ମହାବିଦ୍ୟାଳୟ ପରିସରରେ ସ୍ନାତକ ଇତିହାସ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ମଧ୍ୟାହ୍ନ ୧୨ ଟାରେ ଶୀର୍ଷକ "ଐତିହାସିକ ଦୃଷ୍ଟି ଭଙ୍ଗୀ ରେ ଜଳବାୟୁ ପରିବର୍ତ୍ତନ' ଅନୁଷ୍ଠିତ ଜାତୀୟ ସେମିନାରରେ ମତ ପ୍ରକାଶ ପାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜାତୀୟ ପାଠଚକ୍ରରେ ମୁଖ୍ୟବକ୍ତା ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ. ମନୋଜ କୁମାର ସାହୁ ଓ ମୁଖ୍ୟଅତିଥି ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧିନସ୍ତ ଦୟାଲ ସିଂ ମହାବିଦ୍ୟାଳୟର ପ୍ରଫେସର ଡ. ଦେବାର୍ପିତ ମନଜିତ୍ ଯୋଗଦେଇଥିଲେ। ବିଭାଗୀୟ ଅଧ୍ୟାପକ ବୈରଗଞ୍ଜନ ଦାଶ ଅତିଥିଙ୍କୁ ମଚୁ ଆମନ୍ତ୍ରଣ ସହ ବିଭାଗର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ, ଅଧ୍ୟାପକ ଆଶୀଷ କୁମାର ସ୍ୱାଇଁ ସ୍ୱାଗତ ସମ୍ଭାଷଣ ଓ ଅଧ୍ୟାପକ ସତ୍ୟନ କୁମାର ଜେନା ବିଷୟର ଆଭିମୁଖ୍ୟ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପକମାନେ ବିଷୟ ପ୍ରସଙ୍ଗ ଭିତ୍ତିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ସନ୍ଦର୍ଭ ଉପସ୍ଥାପନ କରାଯାଇଥିଲା।

ପ୍ରାରମ୍ଭରେ ପ୍ରତିଭା ପଣ୍ଡା, ଅଲିଭାରାଣୀ ବାରିକ୍, ଜ୍ୟୋତିକ୍ରିଷ୍ଣା ମହାପାତ୍ର ଓ ଶକ୍ତିମୟୀ ପାଢ଼ୀ ଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ପୁରୁଣା ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।ମହାବିଦ୍ୟାଳୟର ଅଧ୍ୟାପକ-ଆଧ୍ୟାପିକା, କର୍ମଚାରୀ ଓ ଛାତ୍ରୀ ଛାତ୍ର କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ବିଭାଗୀୟ ଅଧ୍ୟାପକ ବୈରଗଞ୍ଜନ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

## ପୁଲ୍‌ୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ଭଣ୍ଡାରିପୋଖରୀ,୧୪।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷରେ ପୁଲୱାମା ସହିଦଙ୍କୁ ଶୁକ୍ରବାର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ୬ ବର୍ଷ ପୂର୍ବେ କାଶ୍ମୀରର ପୁଲୱାମାଠାରେ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ୪୪ ଜଣ ବୀର ଯବାନଙ୍କ ବୀରତ୍ୱ ଓ ସାହସିକତା ସମ୍ପର୍କରେ ଆଲୋକପାତ କରିବା ସହ ସହିଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ, ପଞ୍ଚାୟତ ବିକାଶ ଅଧିକାରିଣୀ ସୂଚୀସ୍ମିତା ନାୟକ, ମାର୍କେଟିଂ ଇନ୍ସପେକ୍ଟର ହିମାଂଶୁ ଦାସଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

**ବୈତରଣୀରୁ ବାଲି ଚୋରା ଚାଲାଣ ଘଟଣା**

# ନାଲି ପତାକା ମାରି ବ୍ୟାନର ଲଗାଇଲେ ଖଣି ଅଧିକାରୀ

ଅସୁରାଳି,୧୪।୨(ସମିସ)




'ସକାଳ' ପ୍ରଭାବ

ଧାମନଗର ବ୍ଲକ ଅଧୀନସ୍ଥ ବାଲିପାଟଣା, ମମଦୁଲା, ଅସ୍ତକ ଆଦି ସ୍ଥାନରେ ବୈତରଣୀ ନଦୀରୁ ଦୀର୍ଘଦିନ ଧରି ଚୋରା ବାଲି ବ୍ୟବସାୟ ଚାଲିଥିଲା। ଏନେଇ ଗତ ୫ତାରିଖ "ସକାଳ'ରେ "ଖଣି ବିଭାଗ ନିରବ : ଚାଲିଛି ଚୋରା ବାଲି ଉଠାଣ' ଶୀର୍ଷକ ଖବର ପ୍ରକାଶ ପରେ ଖଣି ବିଭାଗ ନିଦ ଭାଙ୍ଗିଛି। ବାଲି ବ୍ୟବସାୟୀଙ୍କ ଦୌରାତ୍ମ୍ୟରେ ସାଧାରଣ ଜନତା ଅଣନିଶ୍ୱାସୀ ହୋଇଯାଇଥିଲେ। ଶହଶହ ସଂଖ୍ୟାରେ ଟ୍ରାକ୍ଟର ନଦୀବନ୍ଧ ଓ ରାସ୍ତାରେ ଚାଲିବା ଯୋଗୁଁ ଦୈନନ୍ଦିନ ଛୋଟମୋଟ ଦୁର୍ଘଟଣା ଘଟିବା ସହିତ ରାସ୍ତା ମଧ ଖାଲଖମାରେ ପରିଣତ ହୋଇଥିଲା। ଏହାଛଡା ରାଜସ୍ୱ ହାନୀ ମଧ ହେଉଥିଲା। ବାଲିଘାଟ କରିଥିବା ବ୍ୟକ୍ତିମାନେ ନଦୀବନ୍ଧକୁ କାଟି ନାରଖାର ମଧ କରି ଦେଇଥିଲେ। ଏ ବାବଦରେ ସ୍ଥାନୀୟ ଜନସାଧାରଣ ଭଦ୍ରକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଦିଲୀପ ରାଉତରାଏ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଖଣି ଉପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଅପରାହ୍ନରେ ଖଣି ଅଧିକାରୀ ଅନିଲ କୁମାର ଦାସ, ଶୁଭ୍ରଜିତ ମହାନ୍ତି,ଧାମନଗର ଅତିରିକ୍ତ ତହସିଲଦାର ତପନ ତରାଇ, ଧୂଷୁରୀ ଥାନା ଏଏସଆଇ ମନୋରଞ୍ଜନ ପାତ୍ରଙ୍କ ସହ ୨ପୁଲିସ କର୍ମଚାରୀ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ କର୍ମଚାରୀ ବାଲିଘାଟକୁ ଯାଇ ମିଳିତ ଚଢଉ କରିବା ସହ ବାଲିଘାଟକୁ ଜେସିବି ସାହାଯ୍ୟରେ ତାଡିବା ସହ ନାଲିପତାକା ଓ ବିଜ୍ଞାପନ ବ୍ୟାନର ଲଗାଇଥିଲେ। ଅଧିକାରୀଙ୍କ ମିଳିତ ଚଢଉ ଖବର ସଂପୃକ୍ତ ଅଞ୍ଚଳରେ ପୂର୍ବରୁ ମିଳି ଯାଇଥିଲା। ତେଣୁ କୌଣସି ଘାଟରେ ବାଲି ଉଠାଇବାକୁ ଟ୍ରାକ୍ଟର ଯାଇ ନଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

